Bhubaneswar, Sunday, October 11, 2026
ଭୁବନେଶ୍ୱର,ରବିବାର,ଅକ୍ଟୋବର ୧୧, ୨୦୨୬
Vol-01, Issue-154
ବର୍ଷ-୦୧, ସଂଖ୍ୟା -୧୫୪

www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

## ସମ୍ବଲପୁରରେ ଜିଲ୍ଲାବ୍ୟାପୀ 'ମେଗା ସ୍ୱଚ୍ଛତା ଅଭିଯାନ'ରେ ସାମିଲ ହେଲେ ସାଂସଦ

# ସ୍ୱଚ୍ଛତାକୁ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା - ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୧୦/୧୦ : ସ୍ୱଚ୍ଛତା କେବଳ ଏକ କାର୍ଯ୍ୟ ନୁହେଁ, ଏହା ହେଉଛି ଆମର ନୈତିକ ସଂସ୍କାର । ସୁସ୍ଥ ରହିବା ପାଇଁ ହେଲେ ପରିବେଶକୁ ସ୍ୱଚ୍ଛ ରଖିବାକୁ ପଡ଼ିବ । ତେଣୁ ଏହାକୁ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା ସହ ନୈନ୍ଦିନ ଅଭ୍ୟାସରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ପବିତ୍ର 'ମହାଳୟା' ଅବସରରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଆଜି ସମ୍ବଲପୁର ଜିଲ୍ଲାରେ ଜିଲ୍ଲାବ୍ୟାପୀ 'ମେଗା ସ୍ୱଚ୍ଛତା ଅଭିଯାନ'ରେ ସାମିଲ ହୋଇଥିଲେ ଶ୍ରୀ ପ୍ରଧାନ । ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଯୁବସାଥୀ, ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସ୍ଥାନୀୟ ନାଗରିକଙ୍କ ସହ ଅଂଶଗ୍ରହଣ କରି ସମ୍ବଲପୁରରେ ସଫେଇ କାର୍ଯ୍ୟ କରିବା ସହ ଅନ୍ୟମାନଙ୍କୁ ସଫେଇ କାର୍ଯ୍ୟ କରିବା ପାଇଁ ସଚେତନ କରିଥିଲେ । ଏହି ଅବସରରେ ସେ କହିଛନ୍ତି, ଆଜି ସମ୍ବଲପୁର ଜିଲ୍ଲା ପ୍ରଶାସନ ତରଫରୁ ଏବଂ ସମ୍ବଲପୁର ମ୍ୟୁନିସିପାଲ୍ କର୍ପୋରେସନ୍ ତରଫରୁ ମହାତ୍ମା ଗାନ୍ଧୀଙ୍କ ସ୍ମୃତିରେ ଏକ ଜନ ଆନ୍ଦୋଳନ ତଥା ସ୍ୱଚ୍ଛତା ପର୍ବ ଆରମ୍ଭ କରାଯାଇଛି । ପ୍ରଶାସନର ଯୋଜନା ଅନୁଯାୟୀ ଆଜି ସମ୍ବଲପୁର ଜିଲ୍ଲାରେ ପାଖାପାଖି ଏକ ଲକ୍ଷ ଲୋକ ନିଜ ନିଜ ପରିସରରେ, ଆଖପାଖ ଓ ଘର ବାହାରକୁ ଯାଇ ସ୍ୱଚ୍ଛତା କାମରେ ଲାଗିଛନ୍ତି । ଆଜି ପବିତ୍ର ମହାଳୟା ଏବଂ ନବରାତ୍ରୀର ପୂର୍ବରୁ ସମ୍ବଲପୁର ଦେଶ ପାଇଁ ଏକ ନୂଆ ଉଦାହରଣ ତିଆରି କରିଛି । ସ୍ୱଚ୍ଛତା ଦ୍ୱାରା ସହର ସୁସ୍ଥ ରହିବ, ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ ଏବଂ



ସମସ୍ତଙ୍କର ବିକାଶ ହେବ ।

ସେ ଆହୁରି କହିଛନ୍ତି ଯେ ସ୍ୱଚ୍ଛତା ହିଁ ସେବା- ଏହା ହେଉଛି ଆମ ସମାଜର ମୂଳ ମନ୍ତ୍ର । ପୂଜ୍ୟ ବାପୁ (ମହାତ୍ମା ଗାନ୍ଧୀ) କହୁଥିଲେ ଯେ ସ୍ୱଚ୍ଛତା ହେଉଛି ସ୍ୱାଧୀନତା ଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । ସେହି ମହାନ ଚିନ୍ତାଧାରାକୁ ଆପଣାଇ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 'ସ୍ୱଚ୍ଛତା ହିଁ ସେବା' ମାଧ୍ୟମରେ ଏହାକୁ ଏକ ବିଶାଳ ଜନ-ଆନ୍ଦୋଳନରେ ପରିଣତ କରିଛନ୍ତି । ସ୍ୱଚ୍ଛତାକୁ ଜୀବନର ଚରିତ୍ର ଏବଂ ସ୍ୱଭାବ ବନେଇବାକୁ ପଡ଼ିବ । ଘର ଭିତରକୁ ଆମେ ନିଜେ ସଫା କରୁଛେ, କିନ୍ତୁ ଘର ବାହାରକୁ ସମସ୍ତେ ମିଶି ସମାଜକୁ ସଫା କରିବାକୁ ପଡ଼ିବ ।

'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ସମସ୍ତେ ନିଜ ପରିବେଶକୁ ଆବର୍ଜନାମୁକ୍ତ ରଖିବା, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ କରିବା ଏବଂ ସ୍ୱଚ୍ଛତାକୁ ନିଜ ନୈନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା । ନିଜ ଆଖପାଖ ପରିବେଶ, ଗ୍ରାମ ଓ ସହରକୁ ସବୁବେଳେ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ସମ୍ବଲପୁର ଜିଲ୍ଲାକୁ ଏକ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଜିଲ୍ଲା ଭାବେ ଗଢ଼ିବା ପାଇଁ ଆମେ ନିରନ୍ତର ପ୍ରୟାସ କରିବା ବୋଲି ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ।

## ଛାତ୍ରଛାତ୍ରୀ ମାନଙ୍କୁ ଆକୃଷ୍ଟ କରୁଛି ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ



ଭୁବନେଶ୍ୱର,୧୦/୧୦: ରାଜ୍ୟ ଓ ରାଜ୍ୟ ବାହାରୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନଙ୍କୁ ଆକୃଷ୍ଟ କରିଛି ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ୍ ? । ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ (ଓଏସଏଡିଏମ ) ତତ୍ତ୍ୱାବଧାନରେ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ କାର୍ଯ୍ୟ ର ଅନୁଭବରୁ ଶିକ୍ଷା ଲାଭ କରିବା ନିମନ୍ତେ ଆଜି ଭୁବନେଶ୍ୱର ସ୍ଥିତ ଜାଭିୟର ମ୍ୟାନେଜମେଣ୍ଟ ବିଶ୍ୱବିଦ୍ୟାଳୟର ଚାଳିଶ ଜଣ ଛାତ୍ର ଛାତ୍ରୀ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ (ଓଏସଏଡିଏମ ) କାର୍ଯ୍ୟାଳୟକୁ ଗ୍ରସ୍ତ କରିଛନ୍ତି। ଏହି ପରିଦର୍ଶନ ସମୟରେ ଡଝଉଗଇ ର ଉପଦେଷ୍ଟା ଡ. କମଳ ଲୋଚନ ମିଶ୍ର, ୧୯୯୯ ମସିହାର ମହାବାତ୍ୟା ପରଠାରୁ ବିଗତ ୨୫ ବର୍ଷ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ସଫଳ ଯାତ୍ରା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ବିପର୍ଯ୍ୟୟର ପ୍ରାକ୍-ସୂଚନା , ପୂର୍ବପ୍ରସ୍ତୁତି , ସ୍ଥାନାନ୍ତରଣ , ସମୁଦାୟ-ଆଧାରିତ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଆଧୁନିକ ବୈଷୟିକ ଜ୍ଞାନ ଓ ତଥ୍ୟ-ଆଧାରିତ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଡଝଉଗଇ ର ଅଭିଜ୍ଞତା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଶେଷକରି ବାତ୍ୟା, ବନ୍ୟା ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶା ଗ୍ରହଣ କରିଥିବା ପ୍ରସ୍ତୁତିମୂଳକ ପଦକ୍ଷେପ, ଆଗୁଆ ସତର୍କ ସୂଚନା ବ୍ୟବସ୍ଥା, ଜନସାଧାରଣଙ୍କ ସ୍ଥାନାନ୍ତରଣ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସମ୍ପର୍କରେ ସରକାରଙ୍କର ତରଫରୁ ନିଆଯାଉ ଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଛାତ୍ରଛାତ୍ରୀମାନଙ୍କୁ ବିସ୍ତୃତ ଭାବରେ ବୁଝାଇ ଥିଲେ । ଏଥି ସହିତ ଶ୍ରୀଯୁକ୍ତ ମିଶ୍ର ନିଜ ବକ୍ତବ୍ୟରେ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ କହିଲେ ଯେ ବିପର୍ଯ୍ୟୟ ପରିଚାଳନା କେବଳ ପୁସ୍ତକୀୟ ଜ୍ଞାନ ନୁହେଁ ବରଂ ପ୍ରକୃତ ପରିସ୍ଥିତିକୁ ସାମ୍ନା କରିବା ସହିତ ବିପର୍ଯ୍ୟୟ ପରିଚାଳନାର ଅଭିଜ୍ଞତା ଓ ଭୁଲ୍ ?ରୁ ଶିଖିବା ହେଉଛି ଜୀବନର ଏକ ମାଇଲ ଖୁଣ୍ଟ । ଛାତ୍ର ଛାତ୍ରୀ ମାନେ ବିପର୍ଯ୍ୟୟ ପରିଚାଳନା ର ବିଭିନ୍ନ ଦିଗ ଉପରେ ନିଜର ସନ୍ଦର୍ଭ ପ୍ରସ୍ତୁତି କରିବା ସହିତ ନୂତନ ବୈଜ୍ଞାନିକ ଜ୍ଞାନ କୌଶଳକୁ ବିପର୍ଯ୍ୟୟ ପରିଚାଳନା ଦିଗରେ ଅଧିକରୁ ଅଧିକ ଅଧ୍ୟୟନ କରିବା ନିତ୍ୟାନ୍ତ ଜରୁରୀ ବୋଲି ପରାମର୍ଶ ଦେଇଥିଲେ।

ଏହିପରି ଶିକ୍ଷଣୀୟ ପରିଭ୍ରମଣ ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ବିପର୍ଯ୍ୟୟ ପରିଚାଳନାର ସଚେତନତା ଓ ବିପର୍ଯ୍ୟୟ କୁ ମୁକାବିଲା କରିବାର ପ୍ରସ୍ତୁତି ବଢ଼ିବା ସହ ଭବିଷ୍ୟତରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳ ଗଠନରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ।

## ଛାତ୍ର ସଂସଦ ନିର୍ବାଚନରେ ବିଜେପି ସରକାରୀ କଳର ଅପବ୍ୟବହାର କରୁଛି: ବିଜେଡି

ଭୁବନେଶ୍ୱର,୧୦/୧୦ : ଛାତ୍ର ସଂସଦ ନିର୍ବାଚନକୁ ନିଜ ସପକ୍ଷରେ କରିବାକୁ ବିଜେପି ହିନ ପ୍ରୟାସ ଜାରି ରଖିଛି । ନିର୍ବାଚନ ପାଇଁ ଥିବା ନୀତି ନିୟମକୁ ଜଳାଞ୍ଜଳି ଦେଇ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ବିଜେପି ସରକାର ହାଇଜାକ କରିଛନ୍ତି । ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯାଉଥିବାରୁ କଡା ନିନ୍ଦା କରିଛି ବିଜୁ ଜନତା ଦଳ ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ ବ୍ୟୋମକେଶ ରାୟ, ବିଧାୟକ ଶ୍ରୀ ସାରଦା ପ୍ରସନ୍ନ ଜେନା ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ବିଜେପି ସରକାର ଉପରେ ବର୍ଷିଥିଲେ ।

ଡ ବ୍ୟୋମକେଶ ରାୟ କହିଥିଲେ ଯେ, ବିଜେଡି ପକ୍ଷରୁ ଯାହା ସନ୍ଦେହ କରାଯାଉଥିଲା ତାହା ସତ୍ୟ ହୋଇଛି । ଛାତ୍ର ସଂସଦ ନିର୍ବାଚନକୁ ବିଜେପି ସପକ୍ଷରେ କରିବା ପାଇଁ ନିର୍ବାଚନ ନୀତି ନିୟମର ଧଜିଆ ଉଡାଇ ଦେଇଛନ୍ତି ରାଜ୍ୟ ସରକାର । କିପରି ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ୍ ହେବ, ସେନେଇ କାର୍ଯ୍ୟ କରୁଛି ବିଜେପି । ଲିଙ୍ଗଡୋ କମିଶନ ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ କରୁଛନ୍ତି ବିଜେପି ସରକାର । ରାଜ୍ୟର ୫୦ରୁ ଉର୍ଦ୍ଧ୍ୱ କଲେଜରେ ବିଜେଡି ପ୍ରାର୍ଥୀଙ୍କ ବିଜୟର ସମ୍ଭାବନା ଥିବାବେଳେ ସେଠାରେ ରାଜ୍ୟ ସରକାର ନିର୍ବାଚନ ବାତିଲ କରିବା ସହ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ୍ କରିଦେଇଛନ୍ତି । ନୟାଗଡ କଲେଜ ମଧ୍ୟକୁ ବାହାର ପିଲା ଅନଧିକୃତ ଭାବେ ପ୍ରବେଶ କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାତି ଅଧିଆ ଅନଧିକୃତ ଭାବେ ପ୍ରବେଶ କରି ଦାଣ୍ଡିଆ ନାଇଟ ପାଳନ୍ କରିଥିଲେ । ବିଜେଡି ପ୍ରାର୍ଥୀ ମାନଙ୍କୁ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବା ପାଇଁ ଚାପ ପକାଉଛନ୍ତି ବିଜେପିର ମନ୍ତ୍ରୀ ଓ ବିଧାୟକ । ବିଜେଡି ଶାସନ କାଳରେ ଏମିତି କେବେ ହୋଇନଥିଲା । ସରକାରୀ କଳର ଅପବ୍ୟବହାର କରି ନିର୍ବାଚନ ଜିତିବାକୁ ପ୍ରୟାସ କରୁଛି ବିଜେପି । ରାଜନୀତିର ପଶା ପାଲିରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରୁଛି ବିଜେପି । ବିଜେପି ସରକାରକୁ ଜେନ ଜି ଭୟ ଘାରିଛି । ବିଜେପିର ଏହି ଅରାଜକତାକୁ ରୋକିବା ପାଇଁ ବିଜେଡି ଲଇ ଜୋରଦାର କରିବ ।

ଶ୍ରୀ ସାରଦା ପ୍ରସନ୍ନ ଜେନା କହଥିଲେ ଯେ, ଛାତ୍ର ସଂସଦ ନିର୍ବାଚନରେ ବିଜେପି ସରକାର ପକ୍ଷପାତିତା କରୁଛନ୍ତି । ଯେଣତେଣ ପ୍ରକାରେ ନିଜ ସପକ୍ଷରେ ନିର୍ବାଚନ ଫଳାଫଳ କରିବା ପାଇଁ ଉଦ୍ୟମ କରୁଛି ବିଜେପି । ଯେଉଁଠି ଏବିଭିପି ପ୍ରାର୍ଥୀଙ୍କ ବିଜୟର ସମ୍ଭାବନା ନାହିଁ, ସେଠାରେ ଉଦ୍ଦେଶ୍ୟ ମୂଳକ ଭାବେ ନିର୍ବାଚନ ବାତିଲ କରାଯାଉଛି ।

# ଆଦିବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ବିଜେଡି ଏସ୍‌ଟି ସେଲ୍‌ର ଉଦ୍‌ବେଗ ପ୍ରକାଶ

ଭୁବନେଶ୍ୱର,୧୦/୧୦:ବିଜୁ ଜନତା ଦଳର ଅନୁସୂଚିତ ଜନଜାତି (ଏସ୍ଟି) ସେଲ୍ର ପ୍ରଥମ ବୈଠକ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନ ଠାରେ ଏସ୍ଟି ସେଲ୍ର ସଭାପତି ଶ୍ରୀ ସୁଦାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଜେଡିର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର, ରାଜ୍ୟସଭାର ମାନ୍ୟବର ସାଂସଦ ଡକ୍ଟର ସନ୍ତୃପ୍ତ ମିଶ୍ର ଏବଂ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ଭୃଗୁ ବକ୍ସିପାତ୍ର ଏସ୍ଟି ସେଲ୍ର ସଦସ୍ୟମାନଙ୍କ ସହ ଆଲୋଚନା କରି ଓଡିଶାର ଆଦିବାସୀ ସମାଜ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଆଦିବାସୀଙ୍କ ସମସ୍ୟାଗୁଡିକୁ ସଂସଦରେ ଉତ୍ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଉପଯୁକ୍ତ ପଦକ୍ଷେପ ପାଇଁ ଉଦ୍ୟମ କରିବେ ବୋଲି ଡକ୍ଟର ସନ୍ତୃପ୍ତ ମିଶ୍ର ସଦସ୍ୟମାନଙ୍କୁ ଆଶ୍ୱାସନା ଦେଇଥିଲେ ।

ସନ୍ଧ୍ୟାରେ ବିଜେଡି ଏସ୍ଟି ସେଲ୍ର ସଦସ୍ୟମାନେ ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ସହ



ଆଲୋଚନା କରି ଓଡିଶାର ଆଦିବାସୀ ସମାଜ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରାଇଥିଲେ । ଆଦିବାସୀ ମହିଳାଙ୍କ ବିରୋଧରେ ବଢୁଥିବା ଅପରାଧ, ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ଆଇନ, ୨୦୨୬ର ପ୍ରଭାବ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ଏହି ଆଇନ ଯୋଗୁଁ ଖଣି ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଅଧିକାର, ଜୀବିକା, ଜମି ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶରେ ନକାରାତ୍ମକ ପ୍ରଭାବ ପଡିବାର ଆଶଙ୍କା କରିଥିଲେ । ବୈଠକରେ ବିଜେଡି ସରକାରଙ୍କ ୨୪ ବର୍ଷର ଶାସନ କାଳରେ ଆଦିବାସୀଙ୍କ କଲ୍ୟାଣ, ସଶକ୍ତିକରଣ ଓ ବିକାଶ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ଉଲ୍ଲେଖନୀୟ ପଦକ୍ଷେପକୁ ସ୍ମରଣ କରାଯାଇଥିଲା । ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଭିତ୍ତିଭୂମି ଏବଂ ସାମାଜିକ ସୁରକ୍ଷା ଉପରେ ବିଜେଡି ସରକାର ଗୁରୁତ୍ୱ ଦେଇଥିଲେ, ବିଶେଷକରି ଦୁର୍ଗମ ଓ ଅବହେଳିତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ବିକାଶ ପାଇଁ ଏହି ପଦକ୍ଷେପଗୁଡିକ ଗୁରୁତ୍ୱପୂର୍ଣ୍ଣ ଥିଲା ।

ବର୍ତ୍ତମାନର ବିଜେପି ସରକାରଙ୍କ ଅମଳରେ ଆଦିବାସୀ ସମାଜ ପ୍ରତି ଅବହେଳା କରାଯାଉଛି । ବନ ଅଧିକାର ଆଇନ (ଏଫ୍ଆର୍ଏ), ୨୦୦୬ ଅନୁଯାୟୀ ଯୋଗ୍ୟ ଆଦିବାସୀ ପରିବାରଗୁଡିକ ଜମି ଅଧିକାର ପାଇବାରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକ ଉପରେ ବୈଠକରେ ଆଲୋକପାତ କରାଯାଇଥିଲା । ଜଙ୍ଗଲରେ ବସବାସ କରୁଥିବା ଯୋଗ୍ୟ ଆଦିବାସୀ ପରିବାରଗୁଡିକ ଯେପରି ସେମାନଙ୍କର ନ୍ୟାୟସଙ୍ଗତ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ଏବଂ ପ୍ରଶାସନିକ ବିଳମ୍ବ ଯୋଗୁଁ ସେମାନଙ୍କ ଜୀବିକା ଓ ସୁରକ୍ଷା ବିପନ୍ନ ନ ହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ସଦସ୍ୟମାନେ କହିଥିଲେ । ଆଶ୍ରମ ବିଦ୍ୟାଳୟ ଗୁଡିକର ସ୍ଥିତି ଏବଂ ଆଦିବାସୀ ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ଅସୁବିଧା ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା । ଆଦିବାସୀ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ଶିକ୍ଷଣ ପରିବେଶ ଯୋଗାଇଦେବା ଉପରେ ସଦସ୍ୟମାନେ ଗୁରୁତ୍ୱ ଦେଇଥିଲେ । ଅନ୍ୱେଷା ଯୋଜନା ବନ୍ଦ କରାଯାଇଥିବାରୁ ବୈଠକରେ ଏନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ଆଦିବାସୀ ମହିଳାଙ୍କ ବିରୋଧରେ ଅପରାଧ ରୋକିବା, ତ୍ୱରିତ ଓ ନିରପେକ୍ଷ ତଦନ୍ତ କରିବାକୁ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଥିଲା ବିଜେଡି ।

ଓଡିଶାରେ ବିଜେଡି ଏସ୍ଟି ସେଲ୍ର ସାଂଗଠନିକ କାର୍ଯ୍ୟକଳାପକୁ ଅଧିକ ସୁଦୃଢ଼ କରିବା, ତୃଣମୂଳ ସ୍ତରରେ ଆଦିବାସୀ ସମାଜ ସହ ଯୋଗାଯୋଗ ଓ ସମ୍ପର୍କ ବୃଦ୍ଧି କରିବା ଏବଂ ସେମାନଙ୍କ ସମସ୍ୟା ଗୁଡିକୁ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଉପାୟରେ ଉତ୍ଥାପନ କରିବା ପାଇଁ ବୈଠକରେ ସଂକଳ୍ପ ନିଆଯାଇଥିଲା । ସଂସଦରେ ଆଦିବାସୀଙ୍କ ସମସ୍ୟା ଉଠାଇବା ପାଇଁ ଡକ୍ଟର ସନ୍ତୃପ୍ତ ମିଶ୍ର ଦେଇଥିବା ଆଶ୍ୱାସନାକୁ ସଦସ୍ୟମାନେ ସ୍ୱାଗତ କରିଥିଲେ । ଶ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡିର ବରିଷ୍ଠ ନେତୃବୃନ୍ଦଙ୍କ ସହ ହୋଇଥିବା ଆଲୋଚନା ମାଧ୍ୟମରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଦସ୍ୟମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିବା ସହ ଆଦିବାସୀଙ୍କ ଅଧିକାର ଓ କଲ୍ୟାଣର ସୁରକ୍ଷା ପାଇଁ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ । ଆଦିବାସୀ ମହିଳାଙ୍କ ସୁରକ୍ଷା, ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଖଣି ଓ ବିକାଶ ନୀତି ଯେପରି ଓଡିଶାର ଜମି ଓ ଜଙ୍ଗଲ ସହ ଜୀବନ ଓ ଜୀବିକା ଜଡିତ ଥିବା ସମ୍ପ୍ରଦାୟର ଅଧିକାରକୁ କ୍ଷୁଣ୍ଣ ନ କରେ, ସେଥିପାଇଁ ଓଡିଶାର ବିଜେପି ସରକାର ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଆଲୋଚନା ହୋଇଥିଲା ।

ଅନୁଷ୍ଠିତ ଏହି ବୈଠକରେ ରମେଶ ମାଝୀ, ସାଲୁଗା ପ୍ରଧାନ, ପ୍ରଦୀପ ମାଝୀ, ନିରଞ୍ଜନ ବିଶି, ଜଗନ୍ନାଥ ସାରକା, ମାନସ ମାଡକାମୀ, ଯୋଗେଶ ସିଂ, ବାସନ୍ତୀ ହେମ୍ବ୍ରମ, ମାଧବ ସର୍ଦ୍ଦାର, ସାନନ୍ଦ ମାରାଣ୍ଡି, ଡ ପ୍ରିୟବ୍ରତ ମାଝୀ, ଜଗନ୍ନାଥ ନାଏକ, କିଶୋର ଚନ୍ଦ୍ର ନାଏକ, ଦେବାଶିଷ ମାରାଣ୍ଡି, ଶ୍ରୀନାଥ ସୋରେନ, ରଘୁନାଥ ଗମାଙ୍ଗୋ, ଭାନୁପ୍ରତାପ ସିଂ ମାଝୀ, କୌଶଲ୍ୟା ହିକକା, ସସ୍ମିତା ମେଲକା, କୁମୁଡା ସାଉଁଟା, ଭାରତୀ ହାଁସଦା, ସମାରୀ ତାଗୁଲ, ମୋତିରାମ ନାୟକ, ସରସ୍ୱତୀ ମାଝୀ, ରାଜୀବ ପାତ୍ର, ମଞ୍ଜୁଲତା କହଁର, ଦମୟନ୍ତୀ ମାଝୀ, ଲକ୍ଷ୍ମୀପ୍ରିୟା ନାୟକ, ଅନୁସୂୟା ମାଝୀ, ଶଙ୍କର ତିର୍କୀ, ଚକ୍ରଧର ହେମ୍ବ୍ରମ, କାଶୀନାଥ ହେମ୍ବ୍ରମ, ସାଲୁକା ହନହଗା, ଲାଇଛନ ଖୋରା, ଦେବେନ୍ଦ୍ର ପ୍ରସାଦ ମାଝୀ, ଗଙ୍ଗାଧର ହେମ୍ବ୍ରମ, ଶୁଭଲକ୍ଷ୍ମୀ ମାଝୀ, ମୀନା ମାଝୀ, ବାସନ୍ତୀ ସିଂ, ଥିଉପିଲ୍ ଗମାଙ୍ଗୋ, ବୀରବିଚିତ୍ରସେନ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

ସମ୍ପାଦକୀୟ

## ସମୁଦ୍ରରେ ଗ୍ୟାସ୍‌ର ସନ୍ଧାନ

ଓଡ଼ିଶାର ସମୁଦ୍ର ଏବେ କେବଳ ମାଛଧରା, ବନ୍ଦର, ପର୍ଯ୍ୟଟନ ଓ ସମୁଦ୍ରତଟର ସୌନ୍ଦର୍ଯ୍ୟର ପରିଚୟ ନୁହେଁ; ଏହା ଦେଶର ଭବିଷ୍ୟତ ଶକ୍ତି ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ହେବାର ସମ୍ଭାବନା ନେଇ ଆଗକୁ ଆସୁଛି। ମହାନଦୀର ଗଭୀର ସମୁଦ୍ର ଅଞ୍ଚଳରେ ତୈଳ ଓ ପ୍ରାକୃତିକ ଗ୍ୟାସ୍ ? ନିଗମ ପକ୍ଷରୁ ଗ୍ୟାସ୍ ?ର ସନ୍ଧାନ ଏହି ସମ୍ଭାବନାକୁ ଆହୁରି ଦୃଢ଼ କରିଛି। ସେପ୍ଟେମ୍ବର ୧୮ ତାରିଖରେ ଓଡ଼ିଶା ଉପକୂଳରୁ ଦୂର ମହାନଦୀ ସମୁଦ୍ର ଅବବାହିକାରେ ଗଭୀର ଜଳ ଅନ୍ୱେଷଣ କୂପରେ ଗ୍ୟାସ୍ ? ମିଳିବା ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଏହି କୂପ କୋଣାର୍କଠାରୁ ପ୍ରାୟ ୪୩ କିଲୋମିଟର ଦୂରରେ ଅବସ୍ଥିତ। ସମୁଦ୍ର ମନ୍ଥନ ଅଭିଯାନ ଅଧୀନରେ ମହାନଦୀ ଅବବାହିକାରେ ଏହା ପ୍ରଥମ କୂପ ହୋଇଥିବାରୁ ଏହାର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ୨୦୨୬ ଜୁଲାଇ ୨୫ ତାରିଖରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ? ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଉପସ୍ଥିତିରେ ଏହି କୂପର ଖନନ ଆରମ୍ଭ ହୋଇଥିଲା। ୧୬୨୩ ମିଟର ଗଭୀରତା ପର୍ଯ୍ୟନ୍ତ ଖନନ ଲକ୍ଷ୍ୟ ରଖାଯାଇଥିବାବେଳେ ୧୪୪୧ରୁ ୧୪୫୨ ମିଟର ଗଭୀରତା ମଧ୍ୟରେ ଗ୍ୟାସ୍ ?ର ସନ୍ଧାନ ମିଳିଛି। ଗତ ତିନି ଦିନ ଧରି ଏହି କୂପରୁ ଉତ୍ସାହଜନକ ପ୍ରବାହ ଓ ଭଣ୍ଡାର ଚାପ ସହ ଗ୍ୟାସ୍ ? ବାହାରୁଥିବା ସୂଚନା ଏହି ଅନ୍ୱେଷଣକୁ ଆହୁରି ଆଶାଜନକ କରିଛି। ତେବେ ଏଠାରେ ଏକ ମୂଳ କଥା ମନେ ରଖିବା ଆବଶ୍ୟକ। ଗ୍ୟାସ୍ ?ର ସନ୍ଧାନ ମିଳିବା ଓ ବାଣିଜ୍ୟିକ ଭାବେ ଉତ୍ପାଦନ ଆରମ୍ଭ ହେବା ଏକ କଥା ନୁହେଁ। ଆହୁରି ବିସ୍ତୃତ ମୂଲ୍ୟାଙ୍କନ, ଭଣ୍ଡାରର ପରିମାଣ ନିର୍ଣ୍ଣୟ, ଉତ୍ପାଦନକ୍ଷମତା ପରୀକ୍ଷା ଓ ବାଣିଜ୍ୟିକ ସମ୍ଭାବନାର ଅନୁଧ୍ୟାନ ପରେ ହିଁ ଏହାର ପ୍ରକୃତ ଅର୍ଥନୈତିକ ମୂଲ୍ୟ ସ୍ପଷ୍ଟ ହେବ। କିନ୍ତୁ ପ୍ରାରମ୍ଭିକ ସନ୍ଧାନ ନିଶ୍ଚିତ ଭାବେ ଏକ ବଡ଼ ସମ୍ଭାବନାର ଦ୍ୱାର ଖୋଲିଛି। ଏହି ସମ୍ଭାବନାକୁ ଓଡ଼ିଶା କେତେ ଦୂର ପର୍ଯ୍ୟନ୍ତ ଅର୍ଥନୈତିକ ଶକ୍ତିରେ ପରିଣତ କରିପାରିବ, ଆଗାମୀ ଦିନର ପ୍ରକୃତ ପ୍ରଶ୍ନ ସେଇଠି। ଓଡ଼ିଶାର ଅର୍ଥନୀତି ଦୀର୍ଘଦିନ ଧରି ଖଣିଜ ସମ୍ପଦକୁ ଆଧାର କରି ଶିଳ୍ପୀକରଣର ପଥ ଅନୁସରଣ କରିଛି। ଲୁହାପଥର, କୋଇଲା, ବକ୍ସାଇଟ୍ ?, କ୍ରୋମାଇଟ୍ ? ଭଳି ଖଣିଜ ସମ୍ପଦ ରାଜ୍ୟର ଶିଳ୍ପ ଓ ରାଜସ୍ୱ ବୃଦ୍ଧିରେ ଭୂମିକା ନେଇଛି। ଏବେ ସମୁଦ୍ରତଳର ସମ୍ଭାବ୍ୟ ଶକ୍ତି ସମ୍ପଦ ଏହି ଅର୍ଥନୈତିକ ଚିତ୍ରକୁ ଆଉ ଏକ ନୂଆ ମାତ୍ରା ଦେଇପାରେ। ମହାନଦୀ ଅବବାହିକାରେ ଗଭୀର ଜଳ ଅନ୍ୱେଷଣରେ ଏହି ସଫଳତା ଯଦି ଆଗାମୀ ପରୀକ୍ଷାରେ ବାଣିଜ୍ୟିକ ଭାବେ ଉପଯୋଗୀ ପ୍ରମାଣିତ ହୁଏ, ତେବେ ଏହା ଓଡ଼ିଶାର ଶକ୍ତି ଅର୍ଥନୀତି ପାଇଁ ଏକ ନୂଆ ଅଧ୍ୟାୟର ଆରମ୍ଭ ହୋଇପାରେ। ଦେଶର ଶକ୍ତି ଆବଶ୍ୟକତା ଦ୍ରୁତ ଗତିରେ ବଢୁଛି। ଶିଳ୍ପ, ପରିବହନ, ନଗରୀକରଣ, ରାସାୟନିକ ଶିଳ୍ପ, ଉର୍ବରକ ଉତ୍ପାଦନ ଓ ଘରୋଇ ବ୍ୟବହାର ପାଇଁ ଗ୍ୟାସ୍ ?ର ଆବଶ୍ୟକତା ମଧ୍ୟ ବଢୁଛି। ଦେଶୀୟ ଭାବେ ଗ୍ୟାସ୍ ? ଉତ୍ପାଦନ ବୃଦ୍ଧି ପାଇଲେ ବାହାର ଦେଶ ଉପରେ ନିର୍ଭରଶୀଳତା କମାଇବାର ସୁଯୋଗ ସୃଷ୍ଟି ହେବ। ଏହା ଦେଶର ଶକ୍ତି ସୁରକ୍ଷା ସହିତ ଅର୍ଥନୈତିକ ସ୍ଥିରତା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମହାନଦୀର ଏହି ସନ୍ଧାନ ଏହି ବୃହତ୍ତର ଜାତୀୟ ଲକ୍ଷ୍ୟ ସହ ଯୋଡ଼ିହୋଇଛି। ଏହାର ଆଉ ଏକ ବଡ଼ ପ୍ରାସଙ୍ଗିକତା ହେଉଛି ଏହାର ଉପକୂଳ ସମୀପତା। କୋଣାର୍କଠାରୁ ପ୍ରାୟ ୪୩ କିଲୋମିଟର ଦୂରରେ ଥିବାରୁ ଭବିଷ୍ୟତରେ ବାଣିଜ୍ୟିକ ଭାବେ ଉପଯୋଗୀ ଘୋଷିତ ହେଲେ ଏହି ଗ୍ୟାସ୍ ?କୁ ଉପକୂଳଭିତ୍ତିକ ଭିତ୍ତିଭୂମି ସହ ଯୋଡ଼ିବାର ସମ୍ଭାବନା ରହିଛି। ଏଥିପାଇଁ ଯେଉଁ ପାଇପ୍ ?ଲାଇନ୍ ?, ପ୍ରକ୍ରିୟାକରଣ କେନ୍ଦ୍ର, ସଂରକ୍ଷଣ ବ୍ୟବସ୍ଥା ଓ ପରିବହନ ଢାଞ୍ଚା ଆବଶ୍ୟକ, ସେଗୁଡ଼ିକର ବିକାଶ ଓଡ଼ିଶାର ଶିଳ୍ପ ଭିତ୍ତିଭୂମିକୁ ମଧ୍ୟ ସୁଦୃଢ଼ କରିପାରେ। ଗ୍ୟାସ୍ ? ଉପଲବ୍ଧତା ବଢ଼ିଲେ ଗ୍ୟାସ୍ ? ଆଧାରିତ ଶିଳ୍ପ, ଉର୍ବରକ, ରାସାୟନିକ ଉତ୍ପାଦନ ଓ ଅନ୍ୟାନ୍ୟ ଶକ୍ତିନିର୍ଭର ଶିଳ୍ପ ପାଇଁ ନୂଆ ସୁଯୋଗ ଖୋଲିପାରେ। ଏହା ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାରର ସମ୍ଭାବନା ମଧ୍ୟ ସୃଷ୍ଟି ହୋଇପାରେ। କିନ୍ତୁ ବିକାଶର ଏହି ସମ୍ଭାବନା ସହିତ ପରିବେଶ ସୁରକ୍ଷାର ଦାୟିତ୍ୱକୁ ସମାନ ଗୁରୁତ୍ୱ ଦେବା ଦରକାର। ଓଡ଼ିଶାର ଉପକୂଳ ଅଞ୍ଚଳ ଜୈବ ବିବିଧତା, ମତ୍ସ୍ୟ ସମ୍ପଦ ଓ ଜୀବିକା ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ। ସେହିପରି ଗଭୀର ସମୁଦ୍ରରେ ଅନ୍ୱେଷଣ ଓ ଭବିଷ୍ୟତ ଉତ୍ପାଦନ ସମୟରେ ପରିବେଶୀୟ ମାନଦଣ୍ଡ, ସମୁଦ୍ରଜୀବ ସୁରକ୍ଷା, ମତ୍ସ୍ୟଜୀବୀଙ୍କ ହିତ ଓ ଉପକୂଳୀୟ ପରିସଂସ୍ଥାର ସୁରକ୍ଷାକୁ ସର୍ବୋଚ୍ଚ ଗୁରୁତ୍ୱ ଦେବାକୁ ହେବ। ଅର୍ଥନୈତିକ ବିକାଶ ଓ ପରିବେଶ ସୁରକ୍ଷା ପରସ୍ପର ବିରୋଧୀ ହେବା ଆବଶ୍ୟକ ନୁହେଁ; ସୁଦୃଢ଼ ଯୋଜନା ଓ ବୈଜ୍ଞାନିକ ନିରୀକ୍ଷଣ ମାଧ୍ୟମରେ ଉଭୟକୁ ସମନ୍ୱିତ କରାଯାଇପାରେ। ଏହି ଅନ୍ୱେଷଣରେ ଜାତୀୟ ତୈଳ ଓ ପ୍ରାକୃତିକ ଗ୍ୟାସ୍ ? ନିଗମର ଭୂମିକା ମଧ୍ୟ ଉଲ୍ଲେଖନୀୟ। ଅଗଷ୍ଟ ୨୭ ତାରିଖରେ ନିଗମର ଅଧ୍ୟକ୍ଷ ଓ ପ୍ରଧାନ କାର୍ଯ୍ୟନିର୍ବାହୀ ଅରୁଣ କୁମାର ସିଂହ, ପ୍ରଯୁକ୍ତି ଓ କ୍ଷେତ୍ର ସେବା ନିର୍ଦ୍ଦେଶକ ବିକ୍ରମ ସକ୍ସେନା ଏବଂ ଅନ୍ୱେଷଣ ନିର୍ଦ୍ଦେଶକ ଓ. ପି. ସିହ୍ନା ଖନନ ଜାହାଜ ପ୍ଲାଟିନମ୍ ? ଏକ୍ସପ୍ଲୋରର ପରିଦର୍ଶନ କରି ଅଭିଯାନରେ ନିୟୋଜିତ ଦଳ ସହ ଆଲୋଚନା କରିଥିଲେ। ଏହାରୁ ଗଭୀର ସମୁଦ୍ର ଅନ୍ୱେଷଣକୁ ଦିଆଯାଉଥିବା ଗୁରୁତ୍ୱ ସ୍ପଷ୍ଟ ହୁଏ। ଏହି ସଫଳତା ଓଡ଼ିଶା ପାଇଁ କେବଳ ଗୋଟିଏ ଗ୍ୟାସ୍ ? ସନ୍ଧାନର ଖବର ନୁହେଁ। ଏହା ରାଜ୍ୟର ସମୁଦ୍ରତଳ ସମ୍ପଦ ସମ୍ପର୍କରେ ନୂଆ ଆଶା ସୃଷ୍ଟି କରୁଥିବା ଏକ ସଙ୍କ ?ତ। ମହାନଦୀ ଅବବାହିକାରେ ଅନ୍ୟାନ୍ୟ ସନ୍ଧାନ ସହ ଏହି ଆବିଷ୍କାରକୁ ଏକାଠି କରି ଭବିଷ୍ୟତରେ ସାଧାରଣ ଭିତ୍ତିଭୂମି ମାଧ୍ୟମରେ ସମ୍ପଦକୁ ଉତ୍ପାଦନ କ୍ଷେତ୍ରକୁ ଆଣିବାର ସମ୍ଭାବନା ମଧ୍ୟ ରହିଛି। ଏଥିପାଇଁ ନୂଆ ନିୟମାବଳୀ ଅନୁସାରେ ସାଧାରଣ ଭିତ୍ତିଭୂମି ବ୍ୟବହାରର ସୁଯୋଗ ମିଳିପାରେ। ଏବେ ଆବଶ୍ୟକ ହେଉଛି ତଥ୍ୟଭିତ୍ତିକ ମୂଲ୍ୟାଙ୍କନ, ସ୍ୱଚ୍ଛ ପ୍ରକ୍ରିୟା, ବୈଜ୍ଞାନିକ ଅନୁସନ୍ଧାନ ଓ ଦୀର୍ଘମିଆଦି ଯୋଜନା। ଓଡ଼ିଶା ଯଦି ନିଜ ସମୁଦ୍ର ସମ୍ପଦକୁ ଦାୟିତ୍ୱଶୀଳ ଭାବେ ବ୍ୟବହାର କରିପାରେ, ତେବେ ଖଣିଜ ସମ୍ପଦ ସହ ଶକ୍ତି ସମ୍ପଦ ମଧ୍ୟ ରାଜ୍ୟର ଅର୍ଥନୈତିକ ଶକ୍ତିର ଏକ ନୂଆ ସ୍ତମ୍ଭ ହୋଇପାରିବ। ମହାନଦୀର ଗଭୀର ଜଳରୁ ମିଳିଥିବା ଏହି ଗ୍ୟାସ୍ ? ସନ୍ଧାନ ତେଣୁ ଆମକୁ କେବଳ ଆଜିର ଖବର ଦେଉନାହିଁ; ଏହା ଆଗାମୀ ଓଡ଼ିଶାର ଶକ୍ତି, ଶିଳ୍ପ, ରୋଜଗାର ଓ ଆତ୍ମନିର୍ଭରତାର ଏକ ସମ୍ଭାବ୍ୟ ନୂଆ ଦିଗ ଦେଖାଉଛି। ଏହି ସମ୍ଭାବନାକୁ ବାସ୍ତବ ଉନ୍ନତିରେ ପରିଣତ କରିବା ହିଁ ଆଗାମୀ ଦିନର ବଡ଼ ଦାୟିତ୍ୱ।

# ଆଜୀବନ ସେବିକା ରମାଦେବୀ

ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତର ମୁକ୍ତି ସଂଗ୍ରାମ ଅନେକ ତ୍ୟାଗ, ବଳିଦାନ ଓ ବୀରତ୍ୱର କଥା କହେ। ଦେଶ ମାତୃକାର ସ୍ୱାଧୀନତା ପାଇଁ ବହୁ ସଂଗ୍ରାମୀ ଲାଠି ମାଡ଼ ଖାଇଛନ୍ତି, କାରାବରଣ କରିଛନ୍ତି ଓ ସହିଦ୍ ହୋଇଛନ୍ତି। ସେମାନଙ୍କ ଦେଶପ୍ରେମ ଓ ଆତ୍ମୋତ୍ସର୍ଗ ଇତିହାସ ପୃଷ୍ଠାରେ ଚିରଦିନ ଦେଦୀପ୍ୟମାନ ହୋଇ ରହିବ। ଏହି ମୁକ୍ତି ସଂଗ୍ରାମରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ବିଶେଷ କରି ଏହି ଜାତୀୟ ଆନ୍ଦୋଳନରେ ମହିଳା ମାନଙ୍କର ଭୂମିକା ମଧ୍ୟ କୌଣସି ଗୁଣରେ କମ୍ ନଥିଲା। ଏହି ଅଭିଯାନରେ ଯେଉଁ କେତେଜଣ ମହିଳା ସେ ସମୟର ସାମାଜିକ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ସ୍ୱାଧୀନତା ଆନ୍ଦୋଳନର ଯଜ୍ଞ ବେଦୀରେ ଝାସ ଦେଇଥିଲେ ସେମାନଙ୍କ ମଧ୍ୟରେ ରମାଦେବୀ ଥିଲେ ଅନ୍ୟତମା। ଯିଏ କି ନିଜର ତ୍ୟାଗ, ସାଧନା ଓ ସେବା ବଳରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ଉତ୍କଳର ମା' ରମାଦେବୀ ଭାବେ ସୁପରିଚିତା ହୋଇପାରିଥିଲେ।

ରମାଦେବୀ ଥିଲେ ଏକ ସମ୍ଭ୍ରାନ୍ତ ପରିବାରର ଝିଅ ଓ ବୋହୂ। ସେ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅଞ୍ଚଳର ସତ୍ୟଭାମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ପିତା ଗୋପାଳ ବଲ୍ଲଭ ଦାସ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନ ଭାଇ ଓ ସେତେବେଳର ଡେପୁଟି କଲେକ୍ଟର ତଥା ଓଡିଶାର ପ୍ରଥମ ଉପନ୍ୟାସ 'ଭୀମା ଭୂୟାଁ' ର ଲେଖକ। ପରବର୍ତ୍ତୀ ସମୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ରବଧୂ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଧର୍ମପତ୍ନୀ। ୧୯୨୧ ମସିହାର କଥା। ପ୍ରଥମ ଥର ପାଇଁ ଗାନ୍ଧିଜୀ ଓଡ଼ିଶା ଗ୍ରସ୍ତରେ ଆସିଥିଲେ। ନାରୀମାନଙ୍କୁ ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ କଂଗ୍ରେସ ପକ୍ଷରୁ କଟକରେ ଏକ ମହିଳା ସଭାର ଆୟୋଜନ କରାଯାଇଥିଲା। ଗାନ୍ଧିଜୀ ସମବେତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଜାତିର କିଛି ବଡ଼କାମ କରିବାକୁ ଇଚ୍ଛା କରୁଥିଲେ ପୁରୁଷ ପାଇଁ ଦେହ ସଜାଇବାର ନିର୍ବୋଧତାକୁ ନାରୀମାନଙ୍କୁ ଛାଡ଼ିବାକୁ ହେବ। ସେ ପୁଣି କହିଥିଲେ ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ। ଏସବୁ ଗହଣା ଗାଣ୍ଠିର ଆଦର ଛାଡ଼ି ଦିଅନ୍ତୁ। ଅନ୍ତରର ସୁଗନ୍ଧ ହିଁ ସବୁଠାରୁ ବେଶୀ ବାସ ଚହଟାଇ ପାରିବ ତାହାଦ୍ୱାରା ହିଁ ଆପଣମାନେ କେବଳ ପୁରୁଷକୁ ନୁହେଁ ସମଗ୍ର ମାନବ ଜାତିକୁ ବଶ କରିପାରିବେ। ଏହି ସଭାରେ ରମାଦେବୀ ଯୋଗ ଦେଇଥିଲେ। ଗାନ୍ଧିଜୀଙ୍କ କଥାରେ କି କୁହୁକ ଥିଲା କେଜାଣି ସେଥିରେ ଅନୁପ୍ରାଣିତ ହୋଇ ରମାଦେବୀ ତାପରଠୁ ଦେଶ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ।

୧୯୨୨ ମସିହା ଫେବୃଆରୀ ମାସ ଶ୍ରୀପଞ୍ଚମୀ ତିଥିରେ ଜଗତସିଂହପୁର ଅଳକା ନଦୀ କୂଳରେ ପ୍ରତିଷ୍ଠା ହେଲା 'ଅଳକାଶ୍ରମ'। ସେତେବେଳେ ଏହି ଅଳକାଶ୍ରମ ଥିଲା ସ୍ୱଦେଶୀ ଆନ୍ଦୋଳନର ଯଜ୍ଞପୀଠ ଓ ସ୍ୱାଧୀନତା ସଂଗ୍ରାମୀ ତିଆରି କାରଖାନା। ଏଇଠୁ ରମାଦେବୀଙ୍କ ରାଜନୈତିକ ଓ କର୍ମମୟ ଜୀବନର ଅୟମାରମ୍ଭ ହୋଇଥିଲା। ତାଙ୍କରି ପ୍ରରୋଚନାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡେ଼ପୁଟି କଲେକ୍ଟର ଚକିରି ଛାଡ଼ି 'ଅଳକାଶ୍ରମ'ର ତତ୍ତ୍ୱାବଧାରକ ରୂପେ ଯୋଗ ଦେଇଥିଲେ। ସେହିଁ ଥିଲେ ଗୋପବନ୍ଧୁଙ୍କର ପ୍ରକୃତ ପ୍ରେରଣାଦାତ୍ରୀ। ସହଧର୍ମିଣୀ ଭାବେ ସେ ସବୁ ସମୟରେ ସ୍ୱାମୀଙ୍କ ପାଖେ ପାଖେ ରହି ଆଦର୍ଶ ପତ୍ନୀର ଦାୟିତ୍ୱ ନିର୍ବାହ କରିଥିଲେ। ସେତେବେଳେ ଶହ ଶହ ଛାତ୍ର ଗାନ୍ଧିଜୀଙ୍କ ଡାକରାରେ ସ୍କୁଲ, କଲେଜ ଛାଡ଼ି ସ୍ୱାଧୀନତା ଆନ୍ଦୋଳନ ସାମିଲ ହେଉଥିଲେ। ଏହିସବୁ ଛାତ୍ରମାନଙ୍କୁ ଅଳକାଶ୍ରମରେ ରଖାଯାଇ ଶିକ୍ଷାଦାନର ବ୍ୟବସ୍ଥା ହେଲା। ଏଥି ସହିତ ଅରଟରେ ସୂତା କାଟିବା, ରୋଗୀ ସେବା କରିବା, ଦୀନ ଦରିଦ୍ର ମାନଙ୍କ ଯତ୍ନ ନେବା କାର୍ଯ୍ୟରେ ତାଲିମ ଦିଆଗଲା ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ। ଏହି ଆଶ୍ରମବାସୀ ଛାତ୍ରମାନଙ୍କ ଖାଇବା-ପିଇବା, ରହିବା-ଶୋଇବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷାର ଦାୟିତ୍ୱ ନେଇଥିଲେ ନିଜେ ରମାଦେବୀ। ସେଥିପାଇଁ ଅଳକାଶ୍ରମର ଅନ୍ତେବାସୀମାନେ ତାଙ୍କୁ ମା' ବୋଲି ସମ୍ବୋଧନ କରୁଥିଲେ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟା ଗ୍ରହର ଡାକରା ଦେଲେ। ଗୁଜୁରାଟର ଦାଣ୍ଡିକୁ ଲବଣ ସତ୍ୟାଗ୍ରହ ପାଇଁ ଗାନ୍ଧିଜୀଙ୍କର ପ୍ରସିଦ୍ଧ ଦାଣ୍ଡିଯାତ୍ରା ଆରମ୍ଭ ହୁଏ। ସେହିପରି ଓଡ଼ିଶାର ବାଲେଶ୍ୱରସ୍ଥ ଇଞ୍ଚୁଡ଼ି ଠାରେ ଲୁଣମରା ହେବା ପାଇଁ ସ୍ଥିର ହୋଇଥାଏ। ପୋଲିସର ଦମନଲୀଳାକୁ ଭ୍ରୁକ୍ଷେପ ନ କରି ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ଇଞ୍ଚୁଡ଼ି ଅଭିମୁଖେ ଯାତ୍ରାକଲେ। ରମାଦେବୀ ଏଥିରେ ସାମିଲ ହୋଇଥିଲେ। ଆଖପାଖ ଗାଁରେ ବୁଲି ମହିଳାମାନଙ୍କୁ ଲବଣ ସତ୍ୟାଗ୍ରହରେ ଯୋଗ ଦେବା ପାଇଁ ଅନୁରୋଧ କଲେ। ରମାଦେବୀଙ୍କ ସାହସ ଦେଖି, ତାଙ୍କ କଥାରେ ବିଶ୍ୱାସ ରଖି ଶହ ଶହ ସଂଖ୍ୟାରେ ମହିଳା ତାଙ୍କୁ ସହଯୋଗ କଲେ। ଇଞ୍ଚୁଡ଼ିରେ ଲୁଣମରା କାର୍ଯ୍ୟ ଶେଷ କରି ରମାଦେବୀ କୁଜଙ୍ଗ ଅଭିମୁଖେ ଯାତ୍ରା କଲେ। ସେଠାରେ କୁଜଙ୍ଗର ରାଣୀଙ୍କୁ ମଧ୍ୟ ଲୁଣମରା ଅଭିଯାନରେ ସାମିଲ କରାଇଥିଲେ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ଯାତ୍ରା ଆରମ୍ଭ କଲେ। ହରିଜନ ବସ୍ତି ସଫେଇ ଓ ସେମାନଙ୍କର ମନୋବୃତ୍ତି ପରିବର୍ତ୍ତନ ଏହି ଯାତ୍ରାର ମୂଳ ଲକ୍ଷ୍ୟ ଥିଲା। ଏହି ଯାତ୍ରାରେ ହଜାର ହଜାର ଲୋକଙ୍କର ସମାବେଶ ହେଲା। ଗାନ୍ଧିଜୀଙ୍କ ସହ ସେତେବେଳେ ଏହି ପଦଯାତ୍ରାରେ ଥିଲେ ମୀରାବେନ୍, ପ୍ରଭାବତୀ ଦେବୀ, ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ। ଗାନ୍ଧିଜୀ ରମାଦେବୀଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ହରିଜନ ଯାତ୍ରା କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ରମାଦେବୀ କେବଳ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇନଥିଲେ ଗାଁ ଗଣ୍ଡାରେ ଥିବା ଅଶିକ୍ଷିତ, ଗରିବ, ଦରିଦ୍ର, ନିଷ୍ପେଷିତ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ମଧ୍ୟ ଆପ୍ରାଣ ଚେଷ୍ଟା କରିଥିଲେ। ଏପରିକି ସେ ସମୟରେ ରମାଦେବୀ ହରିଜନ ପାଣ୍ଠିକୁ ତାଙ୍କର ସୁନା ଗହଣା ମୁକ୍ତ ହସ୍ତରେ ଦାନ କରିଥିଲେ। ଏହା ପରେ 'ମାନବ ସେବାକୁ ମାଧବ ସେବା' ରୂପେ ଗ୍ରହଣ କରି ବରୀକୁ ନିଜର କର୍ମ କ୍ଷେତ୍ରରୂପେ ବାଛିନେଲେ ରମାଦେବୀ। କେବଳ ନିଜେ ନୁହଁନ୍ତି ପରିବାରକୁ ସେବାକର୍ମରେ ଦୀକ୍ଷିତ କରିଥିଲେ ସେ। ଦେବର ନବକୃଷ୍ଣ ଚୌଧୁରୀ, ଯାଆ ମାଳତୀ ଦେବୀ, ପୁତ୍ର ମନମୋହନ, କନ୍ୟା ଅନ୍ନପୂର୍ଣ୍ଣା ଓ ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ସମସ୍ତଙ୍କୁ ତ୍ୟାଗ ଓ ସେବା ଧର୍ମରେ ଅନୁପ୍ରାଣିତ କରିଥିଲେ। ସତରେ,ତାଙ୍କ ଆତ୍ମୋତ୍ସର୍ଗର ପଟାନ୍ତର ନାହିଁ।

ଆନ୍ଦୋଳନ ଶେଷ ହେଲା, ଭାରତ ବର୍ଷ ସ୍ୱାଧୀନ ହେଲା। ମାତ୍ର ରମାଦେବୀ ଚୁପ୍ ହୋଇ ବସି ନ ଥିଲେ। କେବଳ ସେବା ଆଉ ସେବା ଥିଲା ତାଙ୍କର ଜୀବନର ପରମମନ୍ତ୍ର। ମହିଳାମାନଙ୍କର ଉନ୍ନତି ସାଧନ, ହରିଜନ କଲ୍ୟାଣ, ମୌଳିକ ଶିକ୍ଷା ପ୍ରଦାନ ଓ ଗ୍ରାମ ସଂଗଠନ ପାଇଁ ସେ ସର୍ବଦା କର୍ମତତ୍ପର ଥିଲେ। ରମାଦେବୀ ଯେ କେବଳ ଓଡ଼ିଶା ବାସୀଙ୍କ ପାଇଁ ଚିନ୍ତା କରୁଥିଲେ ତାହା ନୁହେଁ, ସେ ସମଗ୍ର ମାନବ ଜାତି ପାଇଁ ଚିନ୍ତା କରୁଥିଲେ। ଏହାହିଁ ଥିଲା ତାଙ୍କର ବିଶେଷତ୍ୱ। ସେଥିପାଇଁ ଭୂଦାନ ଆନ୍ଦୋଳନର ପ୍ରବକ୍ତା ବିନୋବାଜୀ ଓଡ଼ିଶା ଆଗମନ ସମୟରେ ରମାଦେବୀଙ୍କୁ ଭୂମି ବଣ୍ଟନ ଦାୟିତ୍ୱ ଦେଇଥିଲେ। ଜୀବନବ୍ୟାପୀ କରିଥିବା ସେବା ଓ ତ୍ୟାଗ ପାଇଁ ତାଙ୍କୁ ୧୯୮୧ ମସିହାରେ 'ଯମୁନା ଲାଲ ବାଜାଜ୍' ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏଥିପାଇଁ ତାଙ୍କୁ ମିଳିଥିବା ଏକ ଲକ୍ଷ ଟଙ୍କାକୁ ସେ ଅସହାୟ ମହିଳା ଓ ଶିଶୁମାନଙ୍କ ପାଇଁ ଦାନ କରିଥିଲେ। ସେହିପରି ରମାଦେବୀଙ୍କ ଉତ୍ସର୍ଗୀକୃତ ସେବା ଓ କାର୍ଯ୍ୟକୁ ସ୍ୱୀକୃତି ଜଣାଇ ଉତ୍କଳ ବିଶ୍ୱବିଦ୍ୟାଳୟ ରମାଦେବୀଙ୍କୁ ୧୯୮୪ ମସିହାରେ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲା। ଏସବୁ ପୁରସ୍କାର ଓ ସମ୍ମାନ ଲାଭ କରିବା ପରେ ସେ କହିଥିଲେ ପୁରସ୍କାର ଓ ସମ୍ମାନ ହେଲା ଲୋକ ଦେଖାଣିଆ ଉପହାର, ଭଗବାନଙ୍କ ଆଶୀର୍ବାଦ ହିଁ ପ୍ରକୃତ ପୁରସ୍କାର ଓ ଶ୍ରେଷ୍ଠ ସମ୍ମାନ।

ମଣିଷ ବଞ୍ଚିରହେ ତାର କର୍ମକୁ ନେଇ, ଦୀର୍ଘ ଜୀବନ ପାଇଁ ନୁହେଁ। ଏହାକୁ ଯଥାର୍ଥରେ ପ୍ରତିପାଦନ କରିଥିଲେ ମା' ରମାଦେବୀ। ତ୍ୟାଗ ଓ ମମତାର ଅନନ୍ୟ ପ୍ରତିମା ଥିଲେ ସେ। ଆଜି ରମାଦେବୀ ଆମ ଗହଣରେ ନାହାଁନ୍ତି। ୧୯୮୫ ମସିହା ଜୁଲାଇ ୨୨ତାରିଖ ଦିନ ସେ ଚାଲିଯାଇଛନ୍ତି ଅଫେରା ରାଇଜକୁ; କିନ୍ତୁ ସେ ଜୀଇଁ ରହିଛନ୍ତି ଆମ ମାନସ ପଟରେ ଚିର ଦିନ ପାଇଁ ଚିରବନ୍ଦନୀୟା ହୋଇ ଓ ରହିଥିବେ ମଧ୍ୟ। ମା' ରମାଦେବୀଙ୍କ ପ୍ରଦର୍ଶିତ ମାର୍ଗ ଓଡ଼ିଆ ଜାତିକୁ ଦିଗ୍‌ଦର୍ଶନ ଦେଉ ଓ ଆମ ସମସ୍ତଙ୍କୁ ସେବା ମନ୍ତ୍ରରେ ଦୀକ୍ଷିତ କରୁ ଏହାହିଁ ଆଜିର ଅନୁଚିନ୍ତା। ଯଦୁନାଥ ଦାଶ ମହାପାତ୍ରଙ୍କ ଭାଷାରେ –

"ତମରି ମୃତ୍ୟୁରେ ଆଜି
ଲୁହ ବନ୍ୟା ସବୁରି ଆଖିରେ
ତ୍ୟାଗର ଶତାବ୍ଦୀ ଶେଷ
ଶୂନ୍ୟତାର ଦେବାଳୟେ
ଭାଙ୍ଗିପଡେ
ଚନ୍ଦ୍ରଭାଗା ତୀରେ।"

ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ. ୯୩୩୭୨୨୧୯୨୪

# ଯୁବଶକ୍ତି: ପରିବର୍ତ୍ତନର ପଥପ୍ରଦର୍ଶକ

ଇନ୍‌ସା ୱାରସୀ

ଯୁବପିଢ଼ି ହେଉଛନ୍ତି ଦେଶର ଶକ୍ତି ଏବଂ ଭବିଷ୍ୟତର ଆଶା। ସେମାନଙ୍କର ଶକ୍ତି, ସୃଜନଶୀଳତା ଏବଂ ଆଗ୍ରହ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ। ଇତିହାସ କୁହେ ଯେଉଁ ଯୁବକମାନେ ନିଜଠାରୁ ଅଧିକ ଚିନ୍ତା କରିବାକୁ ସାହସ କରିଥିଲେ ସେମାନେ ଅନେକ ସାମାଜିକ ଆନ୍ଦୋଳନ, ବୈଜ୍ଞାନିକ ଆବିଷ୍କାର ଏବଂ ସମାଜ ବିକାଶ କାର୍ଯ୍ୟରେ ନେତୃତ୍ୱ ନେଇଛନ୍ତି। ତଥାପି ଯୁବପିଢ଼ି ପରିବର୍ତ୍ତନର ପ୍ରତିନିଧି ହେବା ପାଇଁ ସେମାନଙ୍କୁ ସ୍ପଷ୍ଟ ନେତୃତ୍ୱ ଓ ପଥ ଆବଶ୍ୟକ ଯାହା ସେମାନଙ୍କୁ ଦକ୍ଷତା, ଆତ୍ମବିଶ୍ୱାସ ଏବଂ ସମାଜ ପ୍ରତି ଦାୟିତ୍ୱବୋଧ ବିକାଶ କରିବାରେ ସାହାଯ୍ୟ କରେ।

ନେତୃତ୍ୱ କେବଳ କର୍ତ୍ତାର ପଦବୀ ହାସଲ କରିବା ବିଷୟରେ ନୁହେଁ। ପ୍ରକୃତ ନେତୃତ୍ୱର ଅର୍ଥ ହେଉଛି ଅନ୍ୟମାନଙ୍କର ସେବା କରିବା, ସମସ୍ୟା ସମାଧାନ କରିବା, ଲୋକଙ୍କୁ ପ୍ରେରଣା ଦେବା ଏବଂ ସାଧାରଣ ଲୋକଙ୍କ ମଙ୍ଗଳ ପାଇଁ କାମ କରିବା। ଆଜିର ବିଶ୍ୱରେ, ଯେଉଁଠାରେ ସମାଜ ଦାରିଦ୍ର୍ୟ, ବେକାରୀ, ଭୁଲ ସୂଚନା, ସାମାଜିକ ବିଭାଜନ ଏବଂ ପରିବେଶଗତ ଚିନ୍ତା ଭଳି ସମସ୍ୟାର ସମ୍ମୁଖୀନ ହେଉଛି, ସେଠାରେ ଯୁବକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇସଲାମ ଦାୟିତ୍ୱପୂର୍ଣ୍ଣ ନେତୃତ୍ୱର ବିକାଶକୁ ଦୃଢ଼ ଭାବରେ ଉତ୍ସାହିତ କରେ ଏବଂ ସମାଜକୁ ଅବଦାନ ଦେବାକୁ ଚାହୁଁଥିବା ଯୁବକମାନଙ୍କ ପାଇଁ ମୂଲ୍ୟବାନ ମାର୍ଗଦର୍ଶନ ପ୍ରଦାନ କରେ। ପ୍ରତ୍ୟେକ ପିଢ଼ି କିଛି ଆହ୍ୱାନ ଏବଂ ସୁଯୋଗ ଉତ୍ତରାଧିକାରୀ ଭାବରେ ପାଇଥାନ୍ତି। ଆଜିର ଯୁବପିଢ଼ିର ଦାୟିତ୍ୱ କେବଳ ନିଜ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ନୁହେଁ ବରଂ ଅନ୍ୟମାନଙ୍କ ପାଇଁ ଏକ ଉତ୍ତମ ଭବିଷ୍ୟତ ସୃଷ୍ଟି କରିବାରେ ସାହାଯ୍ୟ କରିବା। ନେତୃତ୍ୱ ଭୂମିକା ଯୁବକମାନଙ୍କୁ ସମାଜ ସେବା, ଶିକ୍ଷା, ସାମାଜିକ କଲ୍ୟାଣ, ଉଦ୍ୟୋଗ ଏବଂ ସାମାଜିକ ସହଭାଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରେ। ଯେତେବେଳେ ଯୁବପିଢ଼ିଙ୍କୁ କମ୍ ବୟସରେ ଦାୟିତ୍ୱ ନେବାକୁ ଉତ୍ସାହିତ କରାଯାଏ, ସେମାନେ ନିଷ୍ପତ୍ତି ଗ୍ରହଣ, ଦଳଗତ କାର୍ଯ୍ୟ, ଯୋଗାଯୋଗ ଏବଂ ଦାୟିତ୍ୱବୋଧ ଭଳି ଗୁରୁତ୍ୱପୂର୍ଣ୍ଣ ଗୁଣଗୁଡ଼ିକ ଶିଖନ୍ତି। ଏହି ଗୁଣଗୁଡ଼ିକ ସେମାନଙ୍କୁ ଦାୟିତ୍ୱବାନ ନାଗରିକ ହେବାରେ ସାହାଯ୍ୟ କରେ ଯେଉଁମାନେ ସେମାନଙ୍କ ସମ୍ପ୍ରଦାୟରେ ସକାରାତ୍ମକ ଅବଦାନ ଦେଇପାରିବେ।

ଇସଲାମ ନେତୃତ୍ୱକୁ ଏକ ବିଶ୍ୱାସ ବୋଲି ବିବେଚନା କରେ। ନେତାମାନେ ସଚ୍ଚୋଟତା, ନ୍ୟାୟ ଏବଂ କରୁଣା ସହିତ ଲୋକଙ୍କ ସେବା କରିବାକୁ ଆଶା କରାଯାଏ। କୁରାନ୍ ଏହି ଶିକ୍ଷା ଦିଏ ଯେ ନେତୃତ୍ୱ ଦାୟିତ୍ୱ ବହନ କରେ, ଏହା ବ୍ୟକ୍ତିଗତ ଲାଭ କିମ୍ବା ସ୍ଥିତି ବିଷୟରେ ନୁହେଁ ବରଂ ନ୍ୟାୟ ଏବଂ ସଚ୍ଚୋଟତାର ସହିତ କର୍ତ୍ତବ୍ୟ ପାଳନ କରିବା ବିଷୟରେ। ନେତୃତ୍ୱ ପ୍ରତ୍ୟେକ ସ୍ତରରେ ରହିଛି। ଜଣେ ଶିକ୍ଷକ ଛାତ୍ରମାନଙ୍କୁ ନେତୃତ୍ୱ ଦିଅନ୍ତି, ପିତାମାତା ପରିବାରକୁ ନେତୃତ୍ୱ ଦିଅନ୍ତି, ସମ୍ପ୍ରଦାୟ ସ୍ୱେଚ୍ଛାସେବକମାନେ ପ୍ରକଳ୍ପଗୁଡ଼ିକୁ ନେତୃତ୍ୱ ଦିଅନ୍ତି, ଏବଂ ଯୁବକମାନେ ସେମାନଙ୍କ ପଡ଼ୋଶୀ ଏବଂ ଅନୁଷ୍ଠାନ ମଧ୍ୟରେ ସକାରାତ୍ମକ ପଦକ୍ଷେପ ନେଇଥାନ୍ତି।

ପୟଗମ୍ବର ମହମ୍ମଦ ବୟସ ନିର୍ବିଶେଷରେ ପ୍ରତିଭା ଏବଂ ଚରିତ୍ରକୁ ଚିହ୍ନିଥିଲେ, ଯେମିତିକି ଉସାମା ଇବନ୍ ଜାୟିଦଙ୍କୁ ବହୁତ ଛୋଟ ଅବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଅଭିଯାନର ନେତୃତ୍ୱ ନେବା ପାଇଁ ନିଯୁକ୍ତ କରାଯାଇଥିଲା। ଅନେକ ବୟସ୍କ ଏବଂ ଅଭିଜ୍ଞ ସାଥୀ ତାଙ୍କ ସେନାର ଅଂଶ ଥିଲେ, ତଥାପି ପୟଗମ୍ବର ତାଙ୍କ ଦକ୍ଷତା ଏବଂ ଚରିତ୍ର ଯୋଗୁଁ ତାଙ୍କୁ ନେତୃତ୍ୱ ଦାୟିତ୍ୱ ଦେଇଥିଲେ। ସେହିପରି ଅଲି ଇବନ୍ ଆବି ତାଲିବ ଯୁବକ ଅବସ୍ଥାରେ ଇସଲାମ ଗ୍ରହଣ କରିଥିଲେ ଏବଂ ମୁସଲିମ ସମ୍ପ୍ରଦାୟକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ସାହସ, ଜ୍ଞାନ ଏବଂ ପ୍ରତିବଦ୍ଧତା ଦର୍ଶାଏ କିପରି ଯୁବକମାନେ ସମାଜର ସ୍ତମ୍ଭ ହୋଇପାରିବେ। ଏହି ଉଦାହରଣଗୁଡ଼ିକ ଦର୍ଶାଏ ଯେ ଇସଲାମ ଯୁବ ଅଂଶଗ୍ରହଣକୁ ଉତ୍ସାହିତ କରେ ଏବଂ ଦକ୍ଷତା, ସମର୍ପଣ ଏବଂ ନୈତିକ ଚରିତ୍ରକୁ ମୂଲ୍ୟ ଦିଏ।

ଯୁବକମାନଙ୍କ ପାଇଁ ନେତୃତ୍ୱ ପଥ ନିର୍ମାଣ କରିବା ପାଇଁ ପରିବାର, ଶିକ୍ଷାନୁଷ୍ଠାନ, ସମ୍ପ୍ରଦାୟ ସଂଗଠନ ଏବଂ ଧାର୍ମିକ ନେତାମାନଙ୍କ ପ୍ରୟାସ ଆବଶ୍ୟକ। ଯୁବକମାନଙ୍କୁ ଶିଖିବା ଏବଂ ଯୋଗଦାନ ଦେବାର ସୁଯୋଗ ଆବଶ୍ୟକ। ସମାଜ ସେବା ହେଉଛି ଏକ ପ୍ରଭାବଶାଳୀ ପଥ। ଶିକ୍ଷାଗତ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଅଭିଯାନ, ପରିବେଶଗତ ପଦକ୍ଷେପ କିମ୍ବା ରିଲିଫ୍ କାର୍ଯ୍ୟକଳାପରେ ସ୍ୱେଚ୍ଛାସେବା ଯୁବପିଢ଼ିଙ୍କୁ ନେତୃତ୍ୱ ଦକ୍ଷତା ବିକାଶ କରିବା ସହିତ ସାମାଜିକ ଆହ୍ୱାନଗୁଡ଼ିକୁ ବୁଝିବାରେ ସାହାଯ୍ୟ କରେ। ଅନ୍ୟ ଏକ ପଥ ହେଉଛି ଶିକ୍ଷା ଏବଂ ଦକ୍ଷତା ବିକାଶ। ନେତୃତ୍ୱ ପାଇଁ ଜ୍ଞାନ ଆବଶ୍ୟକ। ଯୁବପିଢ଼ିଙ୍କୁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଯୋଗାଯୋଗ, ସାଧାରଣ ପ୍ରଶାସନ, ସାମାଜିକ କାର୍ଯ୍ୟ ଏବଂ ଉଦ୍ୟୋଗ ଭଳି କ୍ଷେତ୍ରରେ ବିଶେଷଜ୍ଞତା ବିକାଶ କରିବାକୁ ଉତ୍ସାହିତ କରାଯିବା ଉଚିତ।

ଇସଲାମ ଜ୍ଞାନ ଅନ୍ୱେଷଣ ଉପରେ ବହୁତ ଗୁରୁତ୍ୱ ଦିଏ। ଜ୍ଞାନ ଯୁବପିଢ଼ିଙ୍କୁ ସମସ୍ୟା ଚିହ୍ନଟ କରିବାକୁ ଏବଂ ସମାଜ ପାଇଁ ବ୍ୟବହାରିକ ସମାଧାନ ବିକଶିତ କରିବାକୁ ସଶକ୍ତ କରେ। ଆଧୁନିକ ସମାଜ ପ୍ରାୟତଃ ନେତୃତ୍ୱକୁ ଖ୍ୟାତି କିମ୍ବା କର୍ତ୍ତୃପକ୍ଷ ସହିତ ଜଡିତ କରିଥାଏ। ତଥାପି, ଇସଲାମ ସେବକ ନେତୃତ୍ୱକୁ ପ୍ରୋତ୍ସାହିତ କରେ। ପୈଗମ୍ବର ମହମ୍ମଦ ତାଙ୍କ ଜୀବନ ଲୋକଙ୍କୁ ସାହାଯ୍ୟ କରିବାରେ, ଗରିବଙ୍କୁ ସମର୍ଥନ କରିବାରେ, ବିବାଦ ସମାଧାନ କରିବାରେ ଏବଂ ସମ୍ପ୍ରଦାୟ ମଧ୍ୟରେ ଏକତା ଗଠନ କରିବାରେ ବିତାଇଥିଲେ। ଭବିଷ୍ୟତର ଯୁବ ନେତାମାନେ ଏହି ମଡେଲକୁ ଅନୁକରଣ କରି ଅବହେଳିତ ପିଲାମାନଙ୍କ ପାଇଁ ଶିକ୍ଷାଗତ କାର୍ଯ୍ୟକ୍ରମକୁ ସମର୍ଥନ କରି, ସ୍ୱଚ୍ଛତା/ପରିବେଶ ଅଭିଯାନ ଆୟୋଜନ କରି, ଆନ୍ତଃଧର୍ମ ଆଲୋଚନା ଏବଂ ସାମାଜିକ ସମନ୍ୱୟକୁ ପ୍ରୋତ୍ସାହିତ କରି, ସମାଜର ବୟସ୍କ କିମ୍ବା ଦୁର୍ବଳ ସଦସ୍ୟମାନଙ୍କୁ ସହାୟତା କରି, ସାକ୍ଷରତା ଏବଂ ଡିଜିଟାଲ୍ ସଚେତନତାକୁ ଉତ୍ସାହିତ କରି ସମାଜରେ ପରିବର୍ତ୍ତନ ଆଣିପାରିବେ। ଏହି କାର୍ଯ୍ୟକଳାପଗୁଡ଼ିକ ଛୋଟ ମନେହୁଏ, କିନ୍ତୁ ଏହା ଅର୍ଥପୂର୍ଣ୍ଣ ପରିବର୍ତ୍ତନ ସୃଷ୍ଟି କରିବା ସହିତ ସମ୍ପ୍ରଦାୟକୁ ମଜବୁତ କରେ।

ଆଜିର ଯୁବପିଢ଼ି ଭୁଲ ସୂଚନା, ପଦାର୍ଥ ଅପବ୍ୟବହାର ଏବଂ ବଢୁଥିବା ସାମାଜିକ ଧ୍ରୁବୀକରଣ ସମେତ ଅନ୍ୟାନ୍ୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ନିଷ୍କ୍ରିୟ ପର୍ଯ୍ୟବେକ୍ଷକ ହେବା ପରିବର୍ତ୍ତେ, ଯୁବପିଢ଼ି ସମାଧାନର ଅଂଶ ହୋଇପାରିବେ। ସାମାଜିକ ଗଣମାଧ୍ୟମକୁ ଦାୟିତ୍ୱର ସହ ବ୍ୟବହାର କରି ଯୁବପିଢ଼ି ସଚେତନତା ପ୍ରସାର କରିପାରିବେ, ସକାରାତ୍ମକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିପାରିବେ ଏବଂ କ୍ଷତିକାରକ କାହାଣୀକୁ ପ୍ରତିହତ କରିପାରିବେ। ସେମାନେ ଆଲୋଚନା, ପରାମର୍ଶ କାର୍ଯ୍ୟକ୍ରମ ଏବଂ ସମ୍ପ୍ରଦାୟ ପଦକ୍ଷେପ ଆୟୋଜନ କରିପାରିବେ ଯାହା ଏକତା ଏବଂ ବୁଝାମଣାକୁ ଉତ୍ସାହିତ କରେ। କୁରାନ ସମାଜରେ ସକାରାତ୍ମକ ଅବଦାନ ରଖିବାକୁ ଇସଲାମର ଅନୁଗାମୀ ମାନଙ୍କୁ ଉତ୍ସାହିତ କରେ। ଏହା ସକ୍ରିୟ ସମ୍ପ୍ରଦାୟ ସମ୍ପର୍କ ଏବଂ ନୈତିକ ନେତୃତ୍ୱକୁ ମଧ୍ୟ ଗୁରୁତ୍ୱ ଦେଇଥାଏ। ନେତୃତ୍ୱ ଦକ୍ଷତା ସହିତ ଭଲ ଚରିତ୍ର ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ସଚ୍ଚୋଟତା, ଧୈର୍ଯ୍ୟ, ନମ୍ରତା ଏବଂ ଦାୟିତ୍ୱ ପ୍ରଭାବଶାଳୀ ନେତୃତ୍ୱର ମୂଳଦୁଆ ଗଠନ କରନ୍ତି। ପୟଗମ୍ବର ମହମ୍ମଦଙ୍କ ବିଶ୍ୱସନୀୟତା ଏବଂ ସାଧୁତା ଲୋକଙ୍କ ସମ୍ମାନ ଏବଂ ବିଶ୍ୱାସ ଅର୍ଜନ କରିଥିଲା। ଏହି ଗୁଣଗୁଡ଼ିକୁ ପାଳନ କରୁଥିବା ଯୁବକମାନେ ସମାଜକୁ ବିଭାଜିତ କରିବା ପରିବର୍ତ୍ତେ ଏକତା ଡୋରିରେ ବାନ୍ଧି ରଖନ୍ତି। ନେତାମାନେ ନୀତି ଏବଂ କରୁଣା ଦ୍ୱାରା ପରିଚାଳିତ ହେଲେ ସମ୍ପ୍ରଦାୟଗୁଡ଼ିକ ଲାଭାନ୍ୱିତ ହୁଅନ୍ତି।

ଯେକୌଣସି ସମାଜର ଭବିଷ୍ୟତ ଏହାର ଯୁବ ନେତାଙ୍କ ଗୁଣବତ୍ତା ଉପରେ ନିର୍ଭର କରେ। ଯୁବପିଢ଼ି ପାଇଁ ନେତୃତ୍ୱ ପଥ ନିର୍ମାଣ କରିବା କେବଳ ଭବିଷ୍ୟତର ରାଜନେତା କିମ୍ବା ପ୍ରଶାସକମାନଙ୍କୁ ପ୍ରସ୍ତୁତ କରିବା ବିଷୟରେ ନୁହେଁ; ଏହା ମଧ୍ୟ ଜ୍ଞାନ ଏବଂ କରୁଣା ସହିତ ସେମାନଙ୍କ ସମ୍ପ୍ରଦାୟର ସେବା କରିପାରିବେ ବୋଲି ଦାୟିତ୍ୱବାନ ବ୍ୟକ୍ତିମାନଙ୍କୁ ପୋଷଣ କରିବା ବିଷୟରେ ଉଦ୍ଦିଷ୍ଟ।

ଫ୍ରାଙ୍କଫୋନ ଏଣ୍ଡ ଜର୍ନାଲିଜମ୍
ଷ୍ଟଡିଜ୍
ଜାମିଆ ମିଲିଆ ଇସଲାମିଆ

# ମାନସିକ ସ୍ୱାସ୍ଥ୍ୟ ଓ ସ୍ଥାୟୀ ଲୋକ ଅଦାଳତକୁ ନେଇ ସଚେତନ ହେଲେ ଛାତ୍ରୀଗଣ



ପାରଳାଖେମୁଣ୍ଡି,୧୦/୧୦: ଅକ୍ଟୋବର ମାସ ୧୦ତାରିଖରେ ବିଶ୍ୱବ୍ୟାପୀ ପାଳିତ ହେଉଥିବା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ତଥା ସ୍ଥାୟୀ ଲୋକ ଅଦାଲତ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ(ଡ଼ି.ଏଲ.ଏସ୍.ଏ.) ପକ୍ଷରୁ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଜପତି ଜିଲ୍ଲାର ସଦରମହକୁମା ପାରଳାଖେମୁଣ୍ଡିର ବେତାଗୁଡ଼ାସ୍ଥିତ ଏଏନ୍?ଏମ୍? ଟ୍ରେନିଂ କଲେଜ ପରିସରରେ ପୂର୍ବାହ୍ନ ୧୧ଟା ସମୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଡିଏଲ୍?ଏସ୍?ଏ, ଗଜପତିର ସଚ୍ଚିବ ବିମଳ ରାଉଳ, ଗଜପତି ସିଭିଲ୍ କୋର୍ଟର ରେଜିଷ୍ଟ୍ରାର ସତ୍ୟବ୍ରତ ରଣା, ଜିଲ୍ଲା ଅଦାଲତର ଭାରପ୍ରାପ୍ତ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମନୋବିଜ୍ଞାନୀ ତଥା ସମାଜସେବୀ ପ୍ରାଣରଞ୍ଜନ ନାୟକ, ଏଏନ୍?ଏମ୍? ଟ୍ରେନିଂ କଲେଜ, ବେତାଗୁଡ଼ାର ଅଧ୍ୟକ୍ଷା ଶ୍ରୀମତୀ ପ୍ରତିଭା ରାଣୀ ନାୟକ ଏବଂ ଉକ୍ତ କଲେଜର ଅଧ୍ୟାପିକା ଶ୍ରୀମତୀ ସଙ୍ଗୀତା ରାଣୀ ମହାପାତ୍ର ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଇଥିଲେ। ବକ୍ତାମାନେ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ, ମାନସିକ ଚାପର ପରିଚାଳନା, ମାନସିକ ସମସ୍ୟା ପ୍ରତି ସକାରାତ୍ମକ ମନୋଭାବ ଏବଂ ଆବଶ୍ୟକ ସମୟରେ ଉପଯୁକ୍ତ ପରାମର୍ଶ ଓ ଚିକିତ୍ସା ଗ୍ରହଣ କରିବା ଉପରେ ଆଲୋକପାତ କରିବା ସହ ଆଇନର ବିଭିନ୍ନ ଦିଗ ଉପରେ ବିଶେଷ ଭାବେ ଆଲୋକପାତ କରିଥିଲେ। ସେହିପରି ଆଧୁନିକ ଯୁଗରେ ସାଇବର ଅପରାଧ ଓ ମାନସିକ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ବିଶେଷ ଚର୍ଚ୍ଚା କରାଯିବା ସହ ସମାଜରେ କିପରି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟର ସମସ୍ତେ ଯତ୍ନ ନେଇ ଏକ ଉତ୍ତମ ସମାଜ ପ୍ରତିଷ୍ଠା ଦିଗରେ ଅଗ୍ରସର ହୋଇପାରିବେ ସେ ନେଇ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏଥିସହ ସ୍ଥାୟୀ ଲୋକ ଅଦାଲତର ଉଦ୍ଦେଶ୍ୟ, କାର୍ଯ୍ୟପ୍ରଣାଳୀ ଓ ଉପଯୋଗିତା ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା। ଏଏନ୍?ଏମ୍? ଟ୍ରେନିଂ କଲେଜର ଛାତ୍ରୀମାନେ ଅଂଶଗ୍ରହଣ କରିଥିବା ଏହି ସଚେତନତା କାର୍ଯ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସକାରାତ୍ମକ ମନୋଭାବ ଗଠନ ସହ ସ୍ଥାୟୀ ଲୋକ ଅଦାଲତ ସମ୍ପର୍କରେ ଜନସାଧାରଣଙ୍କ ଜ୍ଞାନ ବୃଦ୍ଧି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ସର୍ବଶେଷରେ ଅଧ୍ୟକ୍ଷା ଶ୍ରୀମତୀ ନାୟକ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

କୁଚିଣ୍ଡାରେ 'ସେବା ସଂକଳ୍ପ ଅଭିଯାନ'ରେ ସାଂସଦ

# ଶିଶୁ ଓ ଗର୍ଭବତୀ ମା'ଙ୍କ ଯତ୍ନ ନେବା ଆମର ସାମାଜିକ ଦାୟିତ୍ୱ - ଧର୍ମେନ୍ଦ୍ର ପ୍ରଧାନ



କୁଚିଣ୍ଡା/ସମ୍ବଲପୁର, ୧୦/୧୦: ନବଜାତ ଶିଶୁ ଓ ଗର୍ଭବତୀ ମା'ଙ୍କ ସୁସ୍ଥ ଶରୀର ପାଇଁ ଯତ୍ନ ନେବା ପ୍ରତ୍ୟେକ ନାଗରିକଙ୍କ ସାମାଜିକ ଦାୟିତ୍ୱ ବୋଲି ଆଜି ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କୁଚିଣ୍ଡା ଗସ୍ତ ଅବସରରେ'ସେବା ସଂକଳ୍ପ ଅଭିଯାନ' ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଆଜି କୁଚିଣ୍ଡା ଠାରେ ନବନିର୍ମିତ 'ଅଡିଟୋରିୟମ୍ ଏବଂ ସାଂସ୍କୃତିକ କେନ୍ଦ୍ର' ସହ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ଉଦ୍?ଘାଟନ କରିଥିଲେ । ସାଂସ୍କୃତିକ କେନ୍ଦ୍ର ସହ ସହରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହି ଜନହିତକର ପ୍ରକଳ୍ପଗୁଡ଼ିକ କୁଚିଣ୍ଡାକୁ ଏକ ନୂତନ ପରିଚୟ ପ୍ରଦାନ କରିବ ବୋଲି ସେ ପ୍ରକାଶ କରିଥିଲେ ।

ଏହାପରେ ସାଂସଦ ଶ୍ରୀ ପ୍ରଧାନ କୁଚିଣ୍ଡା ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କ ଗହଣରେ କିଛି ସମୟ ଅତିବାହିତ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କରେ ପଚାରି ବୁଝିଥିଲେ । 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ 'ଆଙ୍ଗନ ମିଳନ' ଉତ୍ସବରେ ଅଙ୍ଗନବାଡ଼ି, ଆଶା କର୍ମୀ, ସ୍ଥାନୀୟ ମା'ମାନେ ଓ ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ସହ ସେ ସିଧାସଳଖ ଭାବ ବିନିମୟ କରିଥିଲେ । ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ସହ ସେମାନଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାରେ ଆମର ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କ ନିଷ୍ଠାପର ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ।

ଆୟୋଜିତ ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଥିଲେ ଯେ, ପୋଷଣ ମାଧ୍ୟମରେ ସୁସ୍ଥ ପରିବାର, ସ୍ୱଚ୍ଛତା ମାଧ୍ୟମରେ ସୁସ୍ଥ ପରିବେଶ ଏବଂ ନିଶାମୁକ୍ତ ସମାଜ ମାଧ୍ୟମରେ ସୁରକ୍ଷିତ ଭବିଷ୍ୟତ, ଏହି ତିନୋଟି ସଂକଳ୍ପକୁ ଆମକୁ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଜାଗ୍ରତ କରିବାକୁ ହେବ । ଏହି ସଂକଳ୍ପଗୁଡ଼ିକୁ ଏକ ବିଶାଳ ଜନଆନ୍ଦୋଳନରେ ପରିଣତ କଲେ ହିଁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ପୂରଣ ହୋଇପାରିବ । କୁଚିଣ୍ଡାରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଏବଂ ଉତ୍ତମ ରାସ୍ତାଘାଟ ନିର୍ମାଣ କରି କୁଚିଣ୍ଡାର ସର୍ବାଙ୍ଗୀନ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଣ୍ଡିପଦର ଆଶ୍ରମ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ଶିଶୁ ସୁରଭି-୨୦୨୬' ଅନୁଷ୍ଠିତ







କଳାହାଣ୍ଡି/ଟିସିଟି (ଗୁପ୍ତେଶ୍ୱର ହାତୀ)୧୦/୧୦: କଳାହାଣ୍ଡି ଜିଲ୍ଲାର ମାଣ୍ଡିପଦର ଆଶ୍ରମ ବିଦ୍ୟାଳୟ ପରିସରରେ ଅକ୍ଟୋବର ୯ ତାରିଖ ଶୁକ୍ରବାର ଦିନ କର୍ଲାପଡ଼ା କ୍ଲଷ୍ଟରସ୍ତରୀୟ 'ଶିଶୁ ସୁରଭି-୨୦୨୬' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିଶୁକୈନ୍ଦ୍ରିକ କାର୍ଯ୍ୟକ୍ରମରେ ପ୍ରାୟ ୮୫୦ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅତିଥି ଓ ଅଭିଭାବକ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ ପରିବେଷଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ ଓ ପ୍ରଦର୍ଶନ ପାଇଁ ଏହି ମଞ୍ଚ ସୁଯୋଗ ସୃଷ୍ଟି କରିଥିଲା।

ମାଡ଼ିଂପଦର ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୌଭାଗ୍ୟ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଭବାନୀପାଟଣା ବ୍ଲକର ବ୍ଲକ୍ ରିସୋର୍ସ ସେଣ୍ଟର କୋ-ଅର୍ଡିନେଟର (ବିଆରସିସି) ଜୟ କୁମାର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧଳ ଦେବ ମୁଣ୍ଡ, ଜିଲ୍ଲା ପରିଷଦ ସଦସ୍ୟ ଦୟାନିଧି ନାଏକ, କର୍ଲାପଡ଼ା ସରପଞ୍ଚ ସୁଷମା ସେନାପତି, କର୍ଲାପଡ଼ା ଡିଗ୍ରୀ କଲେଜର ଅଧ୍ୟାପକ ଲଳିତ କୁମାର ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ତପନ କୁମାର ରଥ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାଳୀ ପ୍ରସାଦ ରଥ, ସୁଜାତା ଯୋଶୀ, ବରିଷ୍ଠ ପ୍ରଧାନଶିକ୍ଷକ ଜଗନ୍ନାଥ ଦାଶ, ଶୁକ୍ରୁ ଜାନୀ, ମୀନକେତନ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷେତ୍ରୀ କୁମାର ରାଉତ, ପ୍ରଶିକ୍ଷକ ସଞ୍ଜିତା ଦାଶ ଓ ରଶ୍ମିତା ବେହେରା, ଅର୍ଜୁନ ସାହୁ, ସମାଜସେବୀ ନିରାକାର ଶବର ଏବଂ ବିଦ୍ୟାଳୟର ଏସଏମସି ସଭାପତି ହେମନ୍ତ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ରୋହିତ କୁମାର ନାଏକ, ବରିଷ୍ଠ ସାମ୍ବାଦିକ କବିରାଜ ଦୁର୍ଗା ଓ ସାମ୍ବାଦିକ ଗୁପ୍ତେଶ୍ୱର ହାତୀ ମଧ୍ୟ ମଞ୍ଚାସୀନ ଥିଲେ।

ପ୍ରାରମ୍ଭରେ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶ୍ରୀଗଣେଶ ଓ ମା' ସରସ୍ୱତୀଙ୍କ ମନ୍ତ୍ରପାଠ ସହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ମାଡ଼ିଂପଦର ଆଶ୍ରମ ବିଦ୍ୟାଳୟର ଛାତ୍ରୀମାନଙ୍କ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ପରେ କାର୍ଯ୍ୟକ୍ରମର ଆବାହକ ତଥା ସାଧନ କେନ୍ଦ୍ର ସଂଯୋଜକ ପ୍ରଦ୍ୟୁମ୍ନ କୁମାର ହୋତା 'ଶିଶୁ ସୁରଭି'ର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ସରଳ ଓ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ନିଜ ନିଜର ଅଭିଭାଷଣରେ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ଶିକ୍ଷା ସହ ସହପାଠ୍ୟକ୍ରମ କାର୍ଯ୍ୟକଳାପର ଗୁରୁତ୍ୱ ଉପରେ ମତ ରଖିଥିଲେ।

ଏହାପରେ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧ଟା ସମୟରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅତିଥି ଓ ଅଭିଭାବକଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଭୋଜନ ପରେ ବିଭିନ୍ନ ସାଂସ୍କୃତିକ ପରିବେଷଣ ମାଧ୍ୟମରେ ଶିଶୁମାନେ ନିଜର କଳା ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପଛରେ ମାଡ଼ିଂପଦର ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୌଭାଗ୍ୟ ସାହୁଙ୍କ ସମେତ ବରିଷ୍ଠ ଶିକ୍ଷକ ମୀନକେତନ, ସୁଶାନ୍ତ, କେଦାର, ଘନଶ୍ୟାମ, ଖୁସିରାମ, ଅର୍ଜୁନ ସାହୁ, ସୁରେଶ ଓ ଅନ୍ୟ ସମସ୍ତ କର୍ମକର୍ତ୍ତାଙ୍କ ନିଃସ୍ୱାର୍ଥପର ସହଯୋଗକୁ ପ୍ରଶଂସା କରାଯାଇଛି। ଚାରି ଦିନ ଧରି ସେମାନେ ନିରନ୍ତର ପରିଶ୍ରମ କରି କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ପରିଚାଳନାରେ ନିଜକୁ ନିୟୋଜିତ କରିଥିଲେ।

ସେହିପରି କର୍ଲାପଡ଼ା କ୍ଲଷ୍ଟରର ବରିଷ୍ଠ ଶିକ୍ଷକ ଜଗନ୍ନାଥ ଦାଶ, ଶୁକ୍ରୁ ଜାନୀ, ଚିନୁଲତା ଭୋଇ, ମୃତ୍ୟୁଞ୍ଜୟ, କଳନ୍ଦ୍ରୀ ଏବଂ ସିଆରସିସି ପ୍ରଦ୍ୟୁମ୍ନ କୁମାର ହୋତାଙ୍କ ଅକ୍ଲାନ୍ତ ପରିଶ୍ରମ ଓ ସମନ୍ୱୟକୁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟନ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଜୁରି ସଦସ୍ୟ, ଆୟୋଜକ ଦଳ, ମଞ୍ଚ ସଜ୍ଜା ଓ ଧ୍ୱନି ବ୍ୟବସ୍ଥାରେ ନିୟୋଜିତ କର୍ମକର୍ତ୍ତାମାନେ ଧୈର୍ଯ୍ୟ ଓ ନିଷ୍ଠାର ସହ ନିଜ ନିଜ ଦାୟିତ୍ୱ ତୁଲାଇଥିଲେ।

ଶେଷରେ ଆବାହକ ତଥା ସିଆରସିସି ପ୍ରଦ୍ୟୁମ୍ନ କୁମାର ହୋତା କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ସଦସ୍ୟ, କର୍ମକର୍ତ୍ତା, ଜୁରି ସଦସ୍ୟ, ଶିକ୍ଷକ-ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି ଓ ଅନ୍ୟ ସହଯୋଗୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଥିଲେ। କର୍ଲାପଡ଼ା କ୍ଲଷ୍ଟରରେ ଏଭଳି ଏକ ବ୍ୟାପକ ଶିଶୁ ସୁରଭି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଆୟୋଜକ ଦଳକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଏହା ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ, ଆତ୍ମବିଶ୍ୱାସ ବୃଦ୍ଧି ଓ ସୃଜନଶୀଳତାକୁ ଉତ୍ସାହିତ କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ତାଲିକା ପ୍ରସ୍ତୁତି ସମ୍ବନ୍ଧୀୟ ଘରକୁ ଘର ସର୍ଭେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଭବାନୀପାଟଣା ,(ଗୁପ୍ତେଶ୍ୱର ହାତୀ): ୧୦/୧୦:ଆଜି ପୂର୍ବାହ୍ନ ୯ .୦୦ଘଣ୍ଟା ସମୟରେ ସ୍ଥାନୀୟ ଜିଲ୍ଲା ପରିଷଦ ବୈଠକ ଗୃହରେ ଭୋଟର ତାଲିକା ପ୍ରସ୍ତୁତି ସମ୍ବନ୍ଧୀୟ ଘରକୁ ଘର (D2D) ସର୍ଭେ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ।

ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ବାଚନ ଭୋଟର ତାଲିକା ପ୍ରସ୍ତୁତି ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ଘର କୁ ଘର ସର୍ଭେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।ଏହି ସର୍ଭେ ମାଧ୍ୟମରେ ଯୋଗ୍ୟ ନାଗରିକମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ସହ ତାଲିକାରେ ଥିବା ତଥ୍ୟର ସଠିକତା ଯାଞ୍ଚ କରାଯିବ।

ଏହି ପ୍ରଶିକ୍ଷଣ ରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରଓ୍ୱାନ, ପ୍ରକଳ୍ପ ପ୍ରଶାସକ,ଆଇଟିଡିଏ, ଶ୍ରୀ ଦାସ,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟୀ କଲେକ୍ଟର ନିର୍ବାଚନ ଲମ୍ବୋଦର ନାୟକ,ଡେପୁଟୀ କଲେକ୍ଟର ଶ୍ରୀମତୀ ପ୍ରଧାନ,ଜିଲ୍ଲା ପଞ୍ଚାୟତ ଅଧିକାରୀ ବିଶ୍ୱନାଥ ରାଉତ, ସମସ୍ତ ବ୍ଲକ୍ ର ଗୋଷ୍ଠି ଉନ୍ନୟନ ଅଧିକାରୀ,ସମସ୍ତ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ଜି ଡି ପି ଓ, ବି ଏଲ୍ ଓ,ସୁପର୍ଭାଇଜର୍ ସମସ୍ତ ଏନଏସି,ମ୍ୟୁନିସିପାଲିଟୀ ର ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଝାରପଡ଼ା ଦୁର୍ଗାପୂଜାରେ ମା'ଙ୍କୁ ସୁନା ଅଳଙ୍କାରରେ କରାଯିବ ସଜ୍ଜିତ, ଶୃଙ୍ଖଳିତ ଦର୍ଶନ ପାଇଁ ୨୦ଟି ସିସିଟିଭି କ୍ୟାମେରା ବ୍ୟବସ୍ଥା




ଭୁବନେଶ୍ୱର,୧୦/୧୦:: ଆଗାମୀ ଶାରଦୀୟ ଦୁର୍ଗାପୂଜାକୁ ଆକର୍ଷଣୀୟ, ଶୃଙ୍ଖଳିତ ଓ ଭକ୍ତିମୟ କରିବା ଲକ୍ଷ୍ୟରେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝାରପଡ଼ା ଦୁର୍ଗାପୂଜା ସମିତି (ଦୁର୍ଗା ମଣ୍ଡପ ଛକ, ଜେଲ୍? ରୋଡ୍?) ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଚଳିତ ବର୍ଷ ମା' ଦୁର୍ଗାଙ୍କୁ ସୁନା ଅଳଙ୍କାରରେ ସଜ୍ଜିତ କରାଯିବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଶ୍ରୀ ଶିଖର ଜେନା ଓ ସ୍ଥାନୀୟ କର୍ପୋରେଟର ଶ୍ରୀ ଶ୍ରୀଧର ଜେନାଙ୍କ ସମେତ ପୂଜା ସମିତିର ସଭାପତି, ସମ୍ପାଦକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଝାରପଡ଼ାରେ ଗତ ୧୬ ବର୍ଷ ଧରି ମା' ଦୁର୍ଗାଙ୍କ ପୂଜା ମହାଆଡ଼ମ୍ବରରେ ପାଳିତ ହୋଇଆସୁଛି। ଶୃଙ୍ଖଳା ଓ ସୁପରିଚାଳନା ପାଇଁ ଏହି ପୂଜା ସମିତି ପ୍ରତିବର୍ଷ ଶ୍ରେଷ୍ଠ ଶୃଙ୍ଖଳା ପୁରସ୍କାର ପାଇଆସୁଥିବାରୁ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ଚଳିତ ବର୍ଷ ମା'ଙ୍କୁ ସୁନା ଅଳଙ୍କାରରେ ଭୂଷିତ କରାଯିବା ଏହି ପୂଜାର ମୁଖ୍ୟ ଆକର୍ଷଣ ହେବ। ଭକ୍ତମାନେ ଯେପରି ସୁରକ୍ଷିତ ଭାବେ ଶାନ୍ତିଶୃଙ୍ଖଳାର ସହ ମା'ଙ୍କ ଦର୍ଶନ କରିପାରିବେ, ସେଥିପାଇଁ ୨୦ଟି ସିସିଟିଭି କ୍ୟାମେରା ସ୍ଥାପନ ସହ ସ୍ୱେଚ୍ଛାସେବୀ ନିୟୋଜନ ଓ ୱାକି-ଟକି ମାଧ୍ୟମରେ ନିରାପତ୍ତା ବ୍ୟବସ୍ଥାର ସମନ୍ୱୟ ରକ୍ଷା କରାଯିବ। ଏଥିସହ ବହୁ ନାମୀଦାମୀ କଳାକାରଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଓଷାଣି ଉତ୍ସବ ଆୟୋଜନ କରାଯିବ। ଏହି ଆୟୋଜନ ଝାରପଡ଼ା ଅଞ୍ଚଳରେ ଉତ୍ସବମୁଖର ପରିବେଶ ସୃଷ୍ଟି କରିବା ସହ ଭକ୍ତଙ୍କ ମଧ୍ୟରେ ଧାର୍ମିକ ଭାବନା ଓ ସାଂସ୍କୃତିକ ଏକତାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା ପ୍ରକାଶ କରାଯାଇଛି।

# ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ

ଭୁବନେଶ୍ୱର,୧୦/୧୦::ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ଯାତ୍ରା ସୁବିଧା ଯୋଗାଇବା ସହ ଆଗାମୀ ପାର୍ବଣ ଋତୁରେ ବଢ଼ିବାକୁ ଥିବା ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରାଯିବ। ଅତିରିକ୍ତ କୋଚ୍ ସଂଯୋଗ ସମ୍ପର୍କିତ ବିବରଣୀ ନିମ୍ନରେ ଦିଆଗଲା:

ଟ୍ରେନ୍ ନଂ ୧୨୮୩୭ ହାୱଡ଼ା-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍ ୧୧ ଅକ୍ଟୋବରରୁ ୧୬ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ।

ଟ୍ରେନ୍ ନଂ ୧୮୦୪୫ ଶାଲିମାର-ଚର୍ଲାପଲ୍ଲୀ ଇଷ୍ଟ କୋଷ୍ଟ ଏକ୍ସପ୍ରେସ୍ ୧୦, ୧୧, ୧୩, ୧୪, ୧୫ ଓ ୧୬ ଅକ୍ଟୋବର ୨୦୨୬ରେ ଗୋଟିଏ ଅତିରିକ୍ତ ତୃତୀୟ ଏସି (୩ୟ ଏସି) କୋଚ୍ ସଂଯୋଗ କରାଯିବ। ଏଥିସହିତ, ୧୨ ଅକ୍ଟୋବର ୨୦୨୬ରେ ଏହି ଟ୍ରେନ୍?ରେ ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ।

ଟ୍ରେନ୍ ନଂ ୧୮୦୬୩ ସାନ୍ତ୍ରାଗାଛି-ୟେଲହଙ୍କା ଏସି ଏକ୍ସପ୍ରେସ୍ ରେ ୧୫ ଅକ୍ଟୋବର ୨୦୨୬ରେ ଗୋଟିଏ ଅତିରିକ୍ତ ତୃତୀୟ ଏସି କୋଚ୍ ସଂଯୋଗ କରାଯିବ। ଟ୍ରେନ୍ ନଂ ୧୮୧୦୭ ରାଉରକେଲା-ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ୧୬ ଅକ୍ଟୋବର ୨୦୨୬ରେ ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ।

ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଯାତ୍ରୀମାନଙ୍କୁ ଅଧିକ ବର୍ଥ ସୁବିଧା ଯୋଗାଇବ ଏବଂ ଏହି ସମୟ ମଧ୍ୟରେ ବଢ଼ୁଥିବା ଯାତ୍ରୀ ଚାହିଦାକୁ ପୂରଣ କରିବାରେ ସହାୟକ ହେବ ।



# ଜୋନାଲ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା -୨୦୨୬



ଯାଜପୁର, ୧୦/୧୦ : ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଯାଜପୁର ଦ୍ୱାରା ଜୋନାଲ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା -୨୦୨୬ ଯାଜପୁର ଟାଉନ ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଯାଜପୁରର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଆଲୋକ କୁମାର ବନ୍ଧଙ୍କ ଅଧକ୍ଷତାରେ ଏକ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା ।

ଉକ୍ତ ସଭାରେ ଯାଜପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ସୁରମା ମହାପାତ୍ର ଉଦଘାଟକ ତଥା ମୁଖ୍ୟଅତିଥି, ଅନ୍ୟତମ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାର ଶ୍ରୀମତୀ ସବିତା ସାହୁ ସମ୍ମାନିତ ଅତିଥି ବିଜ୍ଞାନ ନିରୀକ୍ଷକ ତଥା ଜୋନାଲ ସଂଯୋଜକ ରୂପେ ଶ୍ରୀ କୁମାରସେନ ସେନାପତି ଏବଂ ଦୁଇ ବିଚାରକ ତଥା ସ୍ୱତନ୍ତ୍ର ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ଼. ଆଶୁତୋଷ ବଳ ଓ ଆହ୍ୱାନ ଥିଏଟରର ବରିଷ୍ଠ କଳାକାର ବିଶ୍ୱଜିତ ସାହୁ ଯୋଗଦାନ କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମରେ ୬ ଟି ଜିଲ୍ଲା ଯଥା କେନ୍ଦ୍ରାପଡ଼ା,କଟକ, ପୁରୀ, ଯାଜପୁର, ଖୋର୍ଦ୍ଧା, ଜଗତସିଂହପୁର ଜିଲ୍ଲାରୁ ଚୟନ ହୋଇଥିବା ଶ୍ରେଷ୍ଠ ନାଟକ ଗ୍ରୁପ ଏହି ଜୋନାଲ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ କ୍ଷ ପ୍ରତ୍ୟେକ ଗ୍ରୁପରେ ୮ଜଣ ଲେଖାଏଁ ଛାତ୍ରଛାତ୍ରୀ ସହ ସେମାନଙ୍କର ଦୁଇ ସହଯୋଗୀ ଶିକ୍ଷକ ଯଥା ନିର୍ଦ୍ଦେଶକ ଏବଂ ସଂଳାପ ଲେଖକ ରୂପେ ଯୋଗଦାନ କରିଥିଲେ ।

'ବିଜ୍ଞାନ ଓ ସମାଜ' ବିଷୟ ବସ୍ତୁ ଉପରେ ପ୍ରତଯୋଗୀମାନେ ସୁନ୍ଦର ଅଭିନୟ ମାଧମରେ ବିଚାରକଙ୍କ ନିକଟରେ ଉପସ୍ଥାପନା କରିଥିଲେ । ସମୁଦ୍ର ପରିସଂସ୍ଥାର ପୁନଃରୁଦ୍ଧାର, ଆଗାମୀ ଦିନରେ ବୈଦ୍ୟୁତିକ ଯାନର ଆବଶ୍ୟକତା, କୃତ୍ରିମ ବୁଦ୍ଧିମତା ବ୍ୟବହାରର ସଦୁପଯୋଗ, ଜଳବାୟୁ ପରିବର୍ତ୍ତନର କୁପରିଣାମ ଓ ତତ ସମ୍ବନ୍ଧୀୟ ସଚେତନତା ଆଦି ବିଷୟବସ୍ତୁ ଉପରେ ଅତି ଚମତ୍କାର ଓ ନିଖୁଣ ଅଭିନୟ ମାଧମରେ ନାଟକମାନ ପରିବେଷଣ କରିଥିଲେ କ୍ଷ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ନାଟକ ଖୁବ ଶିକ୍ଷଣୀୟ, ମନୋରମ ଓ ସମାଜ ଉପଯୋଗୀ ଥିଲା ।

ଉକ୍ତ ନାଟକ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାର ଗାନ୍ଧିଜୀ ବିଦ୍ୟାପୀଠ, ଗୋଜବନ୍ଧ ପ୍ରଥମ ସ୍ଥାନ, ଖୋର୍ଦ୍ଧା ଜିଲ୍ଲାର ସରକାରୀ ଉଚ୍ଚ ବିଦ୍ୟାଳୟ,ଗଙ୍ଗପଡା ଦ୍ୱିତୀୟ ସ୍ଥାନ ଓ କଟକ ଜିଲ୍ଲାର ରେଭେନ୍ସା କଲିଜିଏଟ ତୃତୀୟ ସ୍ଥାନ ହାସଲ କରିଥିଲେ କ୍ଷ ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମସ୍ତ ପ୍ରତିଯୋଗୀ ଓ ସେମାନଙ୍କର ସହାୟକ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଅଂଶଗ୍ରହଣ ସ୍ୱରୂପ ପ୍ରମାଣ ପତ୍ର ଦେବା ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଳଙ୍କୃତ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ସ୍ୱରୂପ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।ଏ ସମସ୍ତ କାର୍ଯ୍ୟ ଯାଜପୁର ଜିଲ୍ଲା ବିଜ୍ଞାନ ନିରୀକ୍ଷକ ତଥା ଜୋନାଲ ସଂଯୋଜକ ଶ୍ରୀ ସେନାପତି ଙ୍କ ତତ୍ୱାବଧାନରେ ସମ୍ପାଦିତ ହୋଇଥିଲା ।

ହାଜିରାହୀ ମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲା ବେଳେ କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରକାଶ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଯଥା ଦିବ୍ୟଲୋଚନ ମହାପାତ୍ର, ଚିନ୍ମୟ ରଥ, ଶିବବ୍ରତ ପାଣି, ବିଷ୍ଣୁ ଚରଣ ସାହୁ, ଶୈଳଜା ବାରିକ, ସୁଧୀର କୁମାର ସାମଲ, ପ୍ରମୋଦ କୁମାର ମିଶ୍ର, ଶୁଭ୍ରାଂଶୁ ନାୟକ, ମାନସ ରଞ୍ଜନ ସ୍ୱାଇଁ ଓ ଯାଜପୁର ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ବାସୁଦେବ ସେନାପତି ଶିକ୍ଷକ ରାଧାରମଣ ମହାରଣା, ରଜତ କମଲ, ଶିକ୍ଷୟତ୍ରୀ ସାଲୋନୀ ଅଗ୍ରୱାଲ ଓ ଅନ୍ୟ ଶିକ୍ଷକଶିକ୍ଷୟତ୍ରୀ ତଥା କର୍ମଚାରୀମାନେ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

ଜୋନରେ ପ୍ରଥମ ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡ଼ାର ଗାନ୍ଧିଜୀ ବିଦ୍ୟାପୀଠ ରାଜ୍ୟ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ମନୋନୀତ ହେଲେ ।

# ପୂର୍ବ ତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ତଥା କ୍ରୀଡ଼ା ଅଧିକାରୀ ଅମିତ ରୋହିଦାସ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୧୦/୧୦ :ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଭାରତୀୟ ପୁରୁଷ ହକି ଦଳର ଅଲିମ୍ପିଆନ୍ ଖେଳାଳି ତଥା ପୂର୍ବ ତଟ ରେଳପଥର କ୍ରୀଡ଼ା ଅଧିକାରୀ ଶ୍ରୀ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଜାପାନରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ନିକଟରେ ସମାପ୍ତ ଏସୀୟ କ୍ରୀଡ଼ାରେ ଭାରତୀୟ ପୁରୁଷ ହକି ଦଳର ସ୍ୱର୍ଣ୍ଣ ପଦକ ବିଜୟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଭାରତୀୟ ପୁରୁଷ ହକି ଦଳର ଅଲିମ୍ପିଆନ୍ ଖେଳାଳି ତଥା ପୂର୍ବତଟ ରେଳପଥର କ୍ରୀଡ଼ା ଅଧିକାରୀ ଶ୍ରୀ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଜାପାନରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪, ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ଏସୀୟ କ୍ରୀଡ଼ାରେ ଭାରତୀୟ ପୁରୁଷ ହକି ଦଳର ସ୍ୱର୍ଣ୍ଣ ପଦକ ବିଜୟରେ ଶ୍ରୀ ରୋହିଦାସଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି।

ଶ୍ରୀ ଫୁଙ୍କୱାଲ ଅମିତ ରୋହିଦାସଙ୍କ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ନିଷ୍ଠା, ସମର୍ପଣ ଭାବ ଓ ଉତ୍କୃଷ୍ଟ ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଥିଲେ। ସେ ରୋହିଦାସଙ୍କୁ ଯୁବ ହକି ଖେଳାଳି ତଥା ଭବିଷ୍ୟତର କ୍ରୀଡ଼ାବିତ୍ ?ମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଥିଲେ।

ଶ୍ରୀ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମହାପ୍ରବନ୍ଧକ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାର ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କର ଅଭିଜ୍ଞତା ଓ ମାର୍ଗଦର୍ଶନ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରେରିତ କରିବା ସହ ପୂର୍ବ ତଟ ରେଳପଥରେ କ୍ରୀଡ଼ାର ଅଧିକ ପ୍ରସାର ଓ ପ୍ରୋତ୍ସାହନରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ।

# କେନ୍ଦ୍ରାପଡ଼ା ଜିଲ୍ଲା କରିଲୋ ପାଟଣା ଡିଗ୍ରୀ କଲେଜରେ ଛାତ୍ର ନିର୍ବାଚନ



କେନ୍ଦ୍ରାପଡ଼ା, ୧୦/୧୦ :ଜିଲ୍ଲା ଛାତ୍ର ନିର୍ବାଚନ ରେ ଆଗରେ ରହିଛି କରିଲୋ ପାଟଣା ଡିଗ୍ରୀ କଲେଜ/ଷ୍ଟ(ଷ୍ଟର ଛାତ୍ର ମାନେ । ପ୍ରଥମ ରେ ରହିଛନ୍ତି ଡେମୋକ୍ରେଟିକ୍ (ବିନା ନିର୍ବାଚନ ରେ)ସେକ୍ରେଟାରୀ , ତା ପରେ ରହି ଛନ୍ତି କଲେଜ ର ସଭାପତି ମହାପ୍ରସାଦ ଦାସ, ଏମାନଙ୍କ ଆତ୍ମ ବିଶ୍ୱାସ ଆଉ ଆଉ କଲେଜ ର ସାମୁହିକ ବିକାଶ ଏ ମାନଙ୍କର ମୁଖ୍ୟ କାର୍ଯ ହେବ ।

# ଭଦ୍ରକ ମହିଳା ମହାବିଦ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

ଭଦ୍ରକ, ୧୦/୧୦ : ଛାତ୍ର ସଂସଦ ନିର୍ବାଚନ ବାତିଲକୁ ନେଇ କଲେଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଓ ଆନ୍ଦୋଳନ ଜାରି ରହିଥିବାରୁ ଭଦ୍ରକ ମହିଳା ମହାବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଘୋଷଣା କରାଯାଇଛି।

ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୯ ତାରିଖରେ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ଅକ୍ଟୋବର ୮ ତାରିଖରେ ଛାତ୍ର ସଂସଦ ନିର୍ବାଚନ ବାତିଲ ହେବା ପରେ କଲେଜ ପରିସରରେ ବିଭିନ୍ନ ଛାତ୍ରଗୋଷ୍ଠୀଙ୍କ ଆନ୍ଦୋଳନ ଯୋଗୁଁ ଶାନ୍ତିପୂର୍ଣ୍ଣ ଶୈକ୍ଷିକ ପରିବେଶ ବ୍ୟାହତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଅକ୍ଟୋବର ୧୦ ତାରିଖଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କଲେଜ ବନ୍ଦ ରଖିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି।

ଏହି ସମୟରେ ପାଠପଢ଼ା, ଶ୍ରେଣୀକାର୍ଯ୍ୟ ଓ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅନ୍ୟ ସମସ୍ତ ପ୍ରଶାସନିକ କାର୍ଯ୍ୟ ବନ୍ଦ ରହିବ। ଛାତ୍ରୀମାନଙ୍କୁ ଶାନ୍ତି ବଜାୟ ରଖିବା ସହ କଲେଜର ଅଫିସିଆଲ୍ ହ୍ୱାଟ୍ସଆପ୍ ଗ୍ରୁପ୍ ଓ ନୋଟିସ୍ ବୋର୍ଡ ମାଧ୍ୟମରେ ପୁନଃ ଖୋଲିବା ସମ୍ପର୍କିତ ସୂଚନା ଜାଣିବାକୁ ପରାମର୍ଶ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଜାରି ହେବା ପର୍ଯ୍ୟନ୍ତ ଏହି ବନ୍ଦ ନିଷ୍ପତ୍ତି ବଳବତ୍ତର ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଓଏସ୍‌ପିସିବିର ୧୩୫ତମ ବୋର୍ଡ ବୈଠକ

# ପରିବେଶ ସୁରକ୍ଷାରେ ପ୍ରଯୁକ୍ତି ଓ ଗବେଷଣାର ନୂଆ ଦିଗ: ଓଏସ୍‌ପିସିବିକୁ ଅଧିକ ସକ୍ଷମ କରିବା ଉପରେ ଗୁରୁତ୍ୱ



ଭୁବନେଶ୍ୱର,୧୦/୧୦ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣକୁ ପ୍ରଯୁକ୍ତିନିର୍ଭର ଓ ଜନକୈନ୍ଦ୍ରିକ କରିବା ଦିଗରେ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆଜି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଓଏସ୍‌ପିସିବିର ୧୩୫ତମ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସଦସ୍ୟ ସଚିବ ଡ. ମନୋଜ ଭି. ନାୟର, ଆଇଏଫ୍‌ଏସ୍‌ଙ୍କ ସମେତ ବୋର୍ଡର ସଦସ୍ୟ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

ବୈଠକରେ ଓଏସ୍‌ପିସିବିର ପ୍ରତିଷ୍ଠାନଗତ ଓ ବୈଷୟିକ କ୍ଷମତା ବୃଦ୍ଧି, ପରୀକ୍ଷାଗାର ବ୍ୟବସ୍ଥାର ଆଧୁନିକୀକରଣ, ଗବେଷଣା ପ୍ରକଳ୍ପ ଏବଂ ଉପକୂଳ ପରିବେଶ ନିରୀକ୍ଷଣକୁ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା । ପାରାଦୀପସ୍ଥିତ ଉପକୂଳ ପରିବେଶ ନିରୀକ୍ଷଣର ନୋଡାଲ୍ ସେଣ୍ଟର( ସିଏମ୍‌ସିଇ)କୁ ଉପକୂଳୀୟ ପରିବେଶ ନିରୀକ୍ଷଣ ଓ ବିଶ୍ଳେଷଣ ପାଇଁ ନୋଡାଲ୍

ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବା ପ୍ରସ୍ତାବ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ମୁଖ୍ୟ ଶାସନ ସଚିବ

କହିଥିଲେ ଯେ, "ପାରାଦୀପର ଏହି କେନ୍ଦ୍ର କେବଳ ଏକ ପରୀକ୍ଷାଗାର ନହୋଇ ଉପକୂଳ ପରିବେଶ ସୁରକ୍ଷା ପାଇଁ ବିଜ୍ଞାନ, ତଥ୍ୟ ଓ ପ୍ରଯୁକ୍ତିର ସମନ୍ୱିତ କେନ୍ଦ୍ର ଭାବେ ବିକଶିତ ହେବା ଆବଶ୍ୟକ।"

ରାଜ୍ୟର ପରିବେଶ ପର୍ଯ୍ୟବେକ୍ଷଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କଟକ, ଝାରସୁଗୁଡ଼ା, କୋରାପୁଟ, କଳିଙ୍ଗନଗର, ଭୁବନେଶ୍ୱର, କେନ୍ଦୁଝର ଓ ସମ୍ବଲପୁରଠାରେ ନିଜସ୍ୱ ଆଞ୍ଚଳିକ କାର୍ଯ୍ୟାଳୟ ଭବନ ନିର୍ମାଣ ଏବଂ ପଟିଆସ୍ଥିତ ପରୀକ୍ଷାଗାରର ଆଧୁନିକୀକରଣ ସମ୍ପର୍କିତ ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ଶ୍ରୀମତୀ ଗର୍ଗ ନୂତନ ଭିତ୍ତିଭୂମିରେ ସବୁଜ ଭବନ (Green Building), ବର୍ଷାଜଳ ସଂରକ୍ଷଣ, ସୌରଶକ୍ତିର ବ୍ୟବହାର ଏବଂ ଜିଆଖତ ପ୍ରସ୍ତୁତି (Vermicomposting) ବ୍ୟବସ୍ଥାକୁ ପ୍ରାଥମିକତା ଦେବା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ବ୍ୟାଖ୍ୟା ଓ ସୂଚନା କେନ୍ଦ୍ର (Interpretation Centre) ସ୍ଥାପନ ଓ କାର୍ଯ୍ୟକ୍ଷମ କରିବା ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା।

ପରିବେଶ ନିରୀକ୍ଷଣକୁ ଅଧିକ ତ୍ୱରିତ ଓ ତଥ୍ୟଭିତ୍ତିକ କରିବା ପାଇଁ ନୟାପଲ୍ଲୀସ୍ଥିତ ଓଏସ୍‌ପିସିବି ମୁଖ୍ୟାଳୟରେ

କମାଣ୍ଡ ଓ କଣ୍ଟ୍ରୋଲ୍ ସେଣ୍ଟର ପ୍ରତିଷ୍ଠା ଉପରେ ଆଲୋଚନା ହୋଇଥିଲା । ପରୀକ୍ଷାଗାର ତଥ୍ୟ, ଜଳ ନମୁନା ପରୀକ୍ଷା ଓ କ୍ଷେତ୍ର ନିରୀକ୍ଷଣର ତଥ୍ୟକୁ ଏକୀକୃତ କରି ତ୍ୱରିତ ବିଶ୍ଳେଷଣ ଓ ନିଷ୍ପତ୍ତି ଗ୍ରହଣରେ ଏହା ସହାୟକ ହେବ । ସେହିପରି ରୋବୋଟିକ୍ ପ୍ରଯୁକ୍ତି ମାଧ୍ୟମରେ ଜଳ ନମୁନା ସଂଗ୍ରହ ଓ ନିରୀକ୍ଷଣ ଏବଂ ଡ୍ରୋନ୍ ମାଧ୍ୟମରେ କ୍ଷେତ୍ର ନିରୀକ୍ଷଣକୁ ଅଧିକ ବ୍ୟାପକ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ସେ କହିଥିଲେ, "ଓଏସ୍‌ପିସିବି ଆମ ପରିବେଶ ପ୍ରତି ଥିବା ଯତ୍ନ ଓ ଦାୟିତ୍ୱର ଏକ ପ୍ରତୀକ ଭାବେ ଠିଆ ହେବା ଉଚିତ।"

ଫ୍ଲାଇ ଆଶ୍ ପରିଚାଳନାକୁ ଅଧିକ ବୈଜ୍ଞାନିକ ଓ ଫଳପ୍ରଦ କରିବା ପାଇଁ ଓଡ଼ିଶା ଫ୍ଲାଇ ଆଶ୍ ଆଟଲାସ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହା ମାଧ୍ୟମରେ ଫ୍ଲାଇ ଆଶ୍‌ର ଉତ୍ପାଦନ, ଉପଲବ୍ଧତା, ଚାହିଦା ଓ ଉତ୍ପାଦକରୁ ବ୍ୟବହାରକାରୀ ପର୍ଯ୍ୟନ୍ତ ପ୍ରବାହକୁ ଚିହ୍ନଟ କରାଯିବ। ଏଥିସହ ଫ୍ଲାଇ ଆଶ୍ ବାୟୋ-ଷ୍ଟାବିଲାଇଜେସନ୍ ଓ ବାୟୋ-ଟ୍ରାନ୍ସଫର୍ମେସନ୍ ଉପରେ ପ୍ରତିଷ୍ଠିତ ଗବେଷଣା ଓ ଶିକ୍ଷାନୁଷ୍ଠାନ ସହଯୋଗରେ ଗବେଷଣାକୁ ଆଗେଇ ନିଆଯିବ।

ଓଏସ୍‌ପିସିବିର ବାର୍ଷିକ ରିପୋର୍ଟକୁ ଅଧିକ ଜନକୈନ୍ଦ୍ରିକ, ସରଳ ଓ ସହଜବୋଧ କରିବା ଉପରେ ମଧ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବହୁ ତଥ୍ୟ ସମ୍ବଳିତ ବାର୍ଷିକ ରିପୋର୍ଟକୁ ସାଧାରଣ ନାଗରିକଙ୍କ ପାଇଁ ସହଜ କରିବା ନିମନ୍ତେ ଚାର୍ଟ, ଚିତ୍ର, ସରଳ ତଥ୍ୟ ଓ ଡିଜିଟାଲ୍ ଉପସ୍ଥାପନା ମାଧ୍ୟମରେ ଏହାକୁ ଅଧିକ ପ୍ରଭାବଶାଳୀ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ପରିବେଶ ସୁରକ୍ଷାର ବାର୍ତ୍ତାକୁ ଯୁବପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ସ୍କୁଲ୍ ଓ କଲେଜ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ କମିକ୍ ଓ ଇ-କମିକ୍ ପୁସ୍ତକ ବଣ୍ଟନ ଭଳି ଜନସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉପରେ ମଧ ଆଲୋଚନା ହୋଇଥିଲା । ବୈଠକରେ ମୁଖ୍ୟ ଶାସନ ସଚିବ ଏକ ବିଜ୍ଞାନଭିତ୍ତିକ, ପ୍ରଯୁକ୍ତିସମ୍ପନ୍ନ, ସ୍ୱଚ୍ଛ ଓ ନାଗରିକକୈନ୍ଦ୍ରିକ ପରିବେଶ ଶାସନ ବ୍ୟବସ୍ଥା ଗଠନ ପାଇଁ ସମସ୍ତ ପଦକ୍ଷେପକୁ ସମନ୍ୱିତ ଭାବେ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ ।

# କିଟ୍ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ପ୍ରୟାସ: ପବ୍ଲିକ ସର୍ଭିସ୍ ଆଶାୟୀଙ୍କୁ କୋଚିଂ ସୁବିଧା




ଭୁବନେଶ୍ୱର,୧୦/୧୦: ପବ୍ଲିକ ସର୍ଭିସ ପରୀକ୍ଷା ପାଇଁ ଇଚ୍ଛୁକ ଥିବା କିଟ୍ କିସ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ମାଗରଦର୍ଶନ ଓ ମେଣ୍ଟରିଂ ପ୍ରଦାନ ଲକ୍ଷ୍ୟରେ କିଟ୍ ଆଇଏଏସ୍ ଏକାଡେମୀ (କିଆସା) ଶୁଭାରମ୍ଭ ହୋଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହାର ଉଦ୍ଘାଟନ କରିଥିଲେ। ସୂଚନାଯୋଗ୍ୟ, କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ବୈଷୟିକ ଶିକ୍ଷା ସହ ପବ୍ଲିକ ସର୍ଭିସ ପରୀକ୍ଷା ପାଇଁ ଇଚ୍ଛୁକ ପିଲାଙ୍କୁ ହାତ ପାଆନ୍ତାରେ ବିନାଦେୟରେ କୋଚିଂ ଯୋଗାଇ ଦେବା ନିମନ୍ତେ ଶ୍ରୀ ସାମନ୍ତ ଦୀର୍ଘ ଦିନ ଧରି ପ୍ରୟାସ କରି ଆସୁଥିଲେ।

କିଆସାକୁ ଉଦ୍ଘାଟନ କରି ଶ୍ରୀ ସାମନ୍ତ କହିଲେ, ପବ୍ଲିକ ସର୍ଭିସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ପ୍ରାର୍ଥୀମାନଙ୍କୁ ଉତ୍ତମ ମାଗରଦର୍ଶନ ଓ ପ୍ରସ୍ତୁତି ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଏହି ଏକାଡେମୀ ପ୍ରତିଷ୍ଠା କରାଯାଇଛି। କିଟ୍ ଓ କିସ୍ ପରିବାରର ପବ୍ଲିକ ସର୍ଭିସ୍‌ରେ ଯୋଗଦେବାକୁ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ, ପ୍ରଶିକ୍ଷଣ ଓ ମେଣ୍ଟରିଂ ପାଇଁ କିଆସା ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିବ। ଗୁଣାତ୍ମକ ମାର୍ଗଦର୍ଶନ ପାଇଁ ଛାତ୍ରଛାତ୍ରୀମାନେ ପାରଂପରିକ ଭାବେ ଓଡିଶା ବାହାରକୁ ଯାଇ ସିଭିଲ୍ ସର୍ଭିସ୍ ପ୍ରସ୍ତୁତି ନେଉଥିଲେ। କିଆସା ଶୁଭାରମ୍ଭ ହେବା ଫଳରେ ଏବେ ସେମାନେ ଘର ନିକଟରେ ଏଭଳି ସୁବିଧା ପାଇପାରିବେ ବୋଲି ଶ୍ରୀ ସାମନ୍ତ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସିଆଇଏସ୍‌ଏଫ୍ ଆଇଜି ଶିବ କୁମାର ମୋହାଙ୍କା ଯୋଗଦେଇ ଏହି ପଦକ୍ଷେପକୁ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ବର୍ଣ୍ଣନା କରିଥିଲେ। ସେ କହିଲେ, ସାଧାରଣତଃ ବିଶ୍ୱବିଦ୍ୟାଳୟଗୁଡିକ ଦକ୍ଷତାର ପ୍ରମାଣପତ୍ର ପ୍ରଦାନ କରିଥାନ୍ତି। ମାତ୍ର କିଆସା ଭଳି ପଦକ୍ଷେପ ପାରଂପରିକ ଶିକ୍ଷାର ସୀମା ଅତିକ୍ରମ କରି ଯୁବପିଢ଼ିଙ୍କୁ ଦେଶସେବା ପାଇଁ ପ୍ରସ୍ତୁତ କରିବ।

କିଟ ସ୍କୁଲ ଅଫ ପବ୍ଲିକ ପଲିସି (କେଏସ୍‌ପିପି)ର ନିର୍ଦ୍ଦେଶକ ତଥା କିଆସା ବିଭାଗୀୟ ମୁଖ୍ୟ ବିମ୍ବାଧର ପ୍ରଧାନ କହିଲେ, ଏହି ଏକାଡେମୀ ଅଞ୍ଚଳରେ ପବ୍ଲିକ ସର୍ଭିସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଏକ ପ୍ରତିଷ୍ଠାନଭିତ୍ତିକ ମଞ୍ଚ ସୃଷ୍ଟି କରିବାର ସ୍ୱପ୍ନକୁ ସାକାର କରିଛି । ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ ଓ ମାନବିକତା ମାଧ୍ୟମରେ ସମାଜର ବଞ୍ଚିତ ବର୍ଗଙ୍କୁ ସଶକ୍ତ କରିବା ପାଇଁ କିଟ୍ ନିରନ୍ତର ଭାବେ ଏକ ସୁଦୃ ପରିବେଶ ସୃଷ୍ଟି କରିଆସିଛି ବୋଲି ସେ କହିଥିଲେ ।

ଟିଆଇସିଏସ୍ ଏଡୁୱାର୍ଲ୍ଡ ଏଲ୍‌ଏଲ୍‌ପିର ନିର୍ଦ୍ଦେଶକ ଚନ୍ଦ୍ରଶେଖର ଯାଦବ ମଧ୍ୟ ଏହି ଅବସରରେ ଉଦ୍‌ବୋଧନ ଦେଇଥିଲେ । ଏହି ପଦକ୍ଷେପର ଅଂଶ ଭାବେ କିଟ୍ ଟିଆଇସିଏସ୍ ଏଡୁୱାର୍ଲ୍ଡ ଏଲ୍‌ଏଲ୍‌ପି ସହ ଭାଗୀଦାରି କରିଛି। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦ୍ୟୋପାଧ୍ୟାୟ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ମଧ୍ୟ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati